ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.249 Bhubaneswar Tuesday, November 23, 2021 ୨୪ତମ ବର୍ଷ ସଂଖ୍ୟା–୨୪୮ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS






ୱାଲଟିୟର ଡିଭିଜନର ବିଶାଖାପଟଣମ୍ କିରଣଡଲ ପ୍ୟାସେଞ୍ଜର ଆଧୁନିକୀକରଣ କୋଚ୍‌ର ଉଦ୍‌ଘାଟନୀ ଉତ୍ସବରେ ଉପରାଷ୍ଟ୍ରପତି ଶ୍ରୀଯୁକ୍ତ ଭେଙ୍କେୟା ନାଇଡୁ, ସ୍ଥାନୀୟ ସାଂସଦ, ବିଧାୟକ, ମଣ୍ଡଳ ପ୍ରବନ୍ଧକ ଅନୁପ ଶତପଥୀ ଏବଂ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ

## ଆଜି ମନ୍ତ୍ରୀ ପରିଷଦ ଓ କ୍ୟାବିନେଟ ବୈଠକ

ଭୁବନେଶ୍ୱର,୨୨।୧୧(ପି.ଏନ): ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ଓ ମନ୍ତ୍ରୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଅପରାହ୍ନ ୫.୩୦ ରେ ମନ୍ତ୍ରୀ ପରିଷଦ ବୈଠକ ଓ ପରେ ୫.୪୫ ରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ସୂଚନା ମିଳିଛି।

## ୩ ମାସରେ ଭିଜିଲାନ୍ସ ଜାଲରେ ଆଇସିଡିଏସ୍ ର ୮ ମହିଳା କର୍ମଚାରୀ

ଭୁବନେଶ୍ୱର, ୨୨।୧୧(ପି.ଏନ): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ୍ ର ଛତିଆଗୁଡା ସେକ୍ଟର ସମନ୍ୱିତ ମହିଳା ଶିଶୁ ବିକାଶ (ଆଇସିଡିଏସ୍) ସୁପରଭାଇଜର ହର୍ଷମଣି ଦେଇ ଲାଂଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଅଭିଯୋଗକାରୀଙ୍କ ଭଉଣୀଙ୍କୁ ଅଙ୍ଗନବାଡୀ କର୍ମୀ ଭାବେ ନିଯୁକ୍ତି ଦେବା ପାଇଁ ୮୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ସିନାପାଲି ବସ୍ ଷ୍ଟାଣ୍ଡରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ଚାକିରୀ କରାଇ ଦେବା ପାଇଁ ହର୍ଷମଣି ୧ ଲକ୍ଷ ଟଙ୍କା ଲାଂଚ ମାଗିଥିଲେ । ତେବେ ୮୦ ହଜାରରେ କଥା ଛିଡିଥିଲା। ଭିଜିଲାନ୍ସ ତାଙ୍କ ଠାରୁ ୮୦ ହଜାର ଟଙ୍କା ଜବତ କରିବା ସହ ଗିରଫ କରିଛି। ତେବେ ହର୍ଷମଣି ଏକା ନୁହନ୍ତି। ଗତ ୩ ମାସ ମଧ୍ୟରେ ସମନ୍ୱିତ ମହିଳା ଶିଶୁ ବିକାଶ (ଆଇସିଡିଏସ୍) ଅଧୀନରେ କାର୍ଯ୍ୟରତ ୮ ଜଣ ମହିଳା କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ ୨୦୨୧ ଅଗଷ୍ଟ ୨୪ରେ ମାଳିଲତା ଦାସ, ସୁପରଭାଇଜର, ସିଡିପିଓ, ଭଦ୍ରକ ; ୨୦୨୧ ସେପ୍ଟେମ୍ବର ୧୪ରେ କବିତା ମାଥନ, ଅଙ୍ଗନବାଡ଼ି କର୍ମୀ, ଭୁବନେଶ୍ୱର;୨୦୨୧ ସେପ୍ଟେମ୍ବର ୩୦ରେ ସୁବର୍ଣ୍ଣ ସିଂହ, ଆଇସିଡିଏସ୍ ସୁପରଭାଇଜର, ନୀଳଗିରି, ବାଲେଶ୍ୱର ;୨୦୨୧ ଅକ୍ଟୋବର ୪ରେ ମୀନା ପାତ୍ର, ସିଡିପିଓ, ଭବାନୀପାଟଣା, କଳାହାଣ୍ଡି , ୨୦୨୧ ଅକ୍ଟୋବର ୨୫ ରେ ପୁଷ୍ପାଞ୍ଜଳି ରଥ: ସିଡିପିଓ, ଥୁଆମୂଳ ରାମପୁର, କଳାହାଣ୍ଡି ; ୨୦୨୧ ନଭେମ୍ବର ୯ରେ ସାରଳା ଦେଇ, ସିଡିପିଓ, ବାଲିକୁଦା, ଜଗତସିଂହପୁର , ୨୦୨୧ ନଭେମ୍ବର ୯ : ପ୍ରତିମା ସାହୁ: ଅଙ୍ଗନବାଡ଼ି ସୁପରଭାଇଜର, ବାଲିକୁଦା, ଜଗତସିଂହପୁର ଏବଂ ୨୦୨୧ ନଭେମ୍ବର ୨୨: ହର୍ଷମଣି ଦେଇ, ଆଇସିଡିଏସ୍ ସୁପରଭାଇଜର, ସିନାପାଲି, କଳାହାଣ୍ଡି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି।

# କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୁପାଲାଙ୍କ ସିଫା ପରିଦର୍ଶନ

ଭୁବନେଶ୍ୱର,୨୨।୧୧(ପି.ଏନ): କେନ୍ଦ୍ରମତ୍ସ୍ୟ, ପଶୁ ଓ ଗୋପାଳନ ମନ୍ତ୍ରୀଶ୍ରୀ ପୁରୁଷୋତ୍ତମ ରୁପାଲା ଗତ ୨୧ ତାରିଖ ଦିନ କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା) ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ଗବେଷଣାଗୁଡ଼ିକର ସମୀକ୍ଷା କରିଥିଲେ।ଏହି ଅବସରରେ ଶ୍ରୀରୁପାଲା ସିଫା ପରିସରରେ ବୃକ୍ଷରୋପଣ କରିବା ସହିତ ୨୩ଟି ପ୍ରଜାତିରଖାଦ୍ୟ ଉପଯୋଗୀ ମାଛ ଯଥା ଆନୁବଂଶୀୟ ଉନ୍ନତ ଜୟନ୍ତୀ ରୋହି, ଭାକୁର, ଚିଙ୍ଗୁଡ଼ି, ମାଇନରକାର୍ପ, କଉ, ଶେଉଳ, ମାଗୁର ଓ ମୁକ୍ତାଚାଷ ୟୁନିଟ୍ ପରିଦର୍ଶନ କରିଥିଲେ ଏବଂ ଜଳଜୀବ ପାଳନ ପଦ୍ଧତି ଯଥା ପୋଖରୀରେ ମାଛଚାଷ, ବାୟୋଫ୍ଲକ୍, ଆକ୍ୱାପନିକ୍ସ ପଦ୍ଧତିକୁ ଦେଖି ସିଫାର ବୈଜ୍ଞାନିକ ତଥା ପଦାଧିକାରୀଙ୍କୁ ପ୍ରଶଂସା କରିଥିଲେ।କୃଷକମାନଙ୍କ ନିମନ୍ତେ ସିଫା ତରଫରୁ ଯୋଗାଇ ଦିଆଯାଉଥିବା ଜ୍ଞାନକୌଶଳ ଓ ଉତ୍ପାଦଗୁଡ଼ିକ ସଂପର୍କରେ ଭାରତୀୟ କୃଷି ଅନୁସଂଧାନ ପରିଷଦ ମତ୍ସ୍ୟବିଜ୍ଞାନ ବିଭାଗର ଉପନିର୍ଦ୍ଦେଶକ ଡ଼ଃଜେ. କେ. ଜେନା ଓ ସିଫାର ନିର୍ଦ୍ଦେଶକ ଡ଼ଃ ସରୋଜ କୁମାର ସ୍ୱାଇଁ ମନ୍ତ୍ରୀଙ୍କୁ ବୁଝାଇଥିଲେ। ତତ୍‌ପରେ



ଗବେଷକମାନଙ୍କ ସହିତ ଏକ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ପାଦ ଖର୍ଚ୍ଚ କମ୍ କରିଜ୍ଞାନ କୌଶଳର ବୃଦ୍ଧିକରିବା ଓ ତାହାକୁ ମତ୍ସ୍ୟଚାଷୀମାନଙ୍କ ଉପକାରରେ ଲଗାଇବା ପାଇଁ ମନ୍ତ୍ରୀ ଶ୍ରୀରୁପାଲା ଗବେଷକମାନଙ୍କୁ ପ୍ରବର୍ତାଇ ଥିଲେ।ସ୍ୱତନ୍ତ୍ର ଭାବେ ଆୟୋଜିତ ଏକ ରଂଗୀନ ମାଛ ପ୍ରଦର୍ଶନକୁ ଶ୍ରୀରୁପାଲା ପରିଦର୍ଶନ କରି ଦେଶରବିଭିନ୍ନ ପ୍ରାନ୍ତରରେ କ୍ଷୁଦ୍ରଚାଷୀମାନଙ୍କୁ ବିଶେଷକରି ମହିଳା କୃଷିଜୀବିମାନଙ୍କର ଜୀବିକା ନିର୍ବାହର ଉନ୍ନତି କରିବା ପାଇଁ ରଂଗୀନ ମାଛଚାଷ କରିବାକୁ ପ୍ରସ୍ତାବ ଦେଇଥିଲେ।ସିଫା ପରିସରସ୍ଥ କୃଷିବିଜ୍ଞାନ କେନ୍ଦ୍ରରେ ୧୦ଗୋଟି ସ୍ୱୟଂସହାୟକ ଗୋଷ୍ଠୀ ଯୋଗଦାନ କରିଥିବା ଏକ ପ୍ରଦର୍ଶନୀକୁ ଦେଖି କେନ୍ଦ୍ରମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହିତ ରୋଜଗାର ଅଭିବୃଦ୍ଧି ପାଇଁ କେଭିକେ, ଖୋର୍ଦ୍ଧାଠାରୁ ପ୍ରଶିକ୍ଷଣ ପାଇ ମହିଳାମାନେ ମହୁଚାଷ, ଛତୁଚାଷ, ଜିଆଖତ ପ୍ରସ୍ତୁତି, ହସ୍ତଶିଳ୍ପ, ଧୁପକାଠି ପ୍ରସ୍ତୁତି, ଚାନ୍ଦୁଆ ତିଆରି, ପରିବାଚାଷ ଇତ୍ୟାଦି କରି ଆତ୍ମନିର୍ଭରଶୀଳ ହେଉଥିବା ଜାଣିକେଭିକେ ଖୋର୍ଦ୍ଧା ଓ ସିଫାଟିମ୍‌କୁ ଭୂୟସୀ ପ୍ରଶଂସା କରିଥିଲେ। ବିଶିଷ୍ଟ ମତ୍ସ୍ୟଚାଷୀ ତଥା ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଓ ଆଇ.ଏ.ଆର୍.ଆଇ, ନୂଆଦିଲ୍ଲୀ ଦ୍ୱାରା ପୁରସ୍କୃତ ଶ୍ରୀ ସୁରେନ୍ଦ୍ରଭୋଳଙ୍କୁ ମନ୍ତ୍ରୀ ଶ୍ରୀ ରୁପାଲା ସମ୍ବର୍ଦ୍ଧିତ କରିଥିଲେ।

## ସାମ୍ପ୍ରତିକ ସମୟରେ ମତ୍ସ୍ୟ ଚାଷ ଏକ ବଡ଼ ଆହ୍ୱାନ : ବିଶ୍ୱ ମତ୍ସ୍ୟ ଚାଷ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ୱେବିନାର






ଭୁବନେଶ୍ୱର, ୨୨।୧୧(ପି.ଏନ): ଓଡ଼ିଶାର ମାଛ ଚାଷ ଏବେ ସୁଦୂରପ୍ରସାରୀ ହେବାରେ ଲାଗିଛି। ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଭାବରେ ସମ୍ମାନିତ ହୋଇଛି। ମତ୍ସ୍ୟ ସମ୍ପଦର ବିକାଶ ଏବେ ଓଡ଼ିଶାର ଅର୍ଥନୀତିର ବିକାଶରେ ପ୍ରମୁଖ ମଙ୍ଗ ସାଜିଛି। ବର୍ତ୍ତମାନର ଯୁବସମାଜ ମତ୍ସ୍ୟ ଚାଷକୁ ସମ୍ବଳ କରି ଉଦ୍ୟୋଗୀ ବି ହେଉଛନ୍ତି। ନିଜ ଗାଁରେ ପୋଖରୀ ଖୋଳି ମାଛ ଚାଷ କରି ନିଜେ ରୋଜଗାରକ୍ଷମ ବି ହୋଇପାରୁଛନ୍ତି। ପ୍ରତିବର୍ଷ ନଭେମ୍ବର ୨୧କୁ ବିଶ୍ୱ ମତ୍ସ୍ୟ ଦିବସ ଭାବରେ ପାଳନ କରାଯାଏ। ଏହି ଅବସରରରେ ଓଡ଼ିଶାର କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା ଶ୍ୟାମଳ ସୁବର୍ଣ୍ଣ ତରଫରୁ ଜଳବାୟୁ ପରିବର୍ତ୍ତନ ଓ ମତ୍ସ୍ୟ ଉତ୍ପାଦନ ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସିଫ୍ରିର ନିର୍ଦ୍ଦେଶକ ବିଶିଷ୍ଟ ମତ୍ସ୍ୟ ବିଜ୍ଞାନୀ ଡ଼ ବସନ୍ତ କୁମାର ଦାସ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଆଇ.ସି.ଏ.ଆର ର ଏଡ଼ିଜି(ଇନଲ୍ୟାଣ୍ଡ ଫିସେରୀ) ଡ଼ ବିମଳ ମହାନ୍ତି ତଥା ବିଶିଷ୍ଟ ଅତିଥି ଭାବରେ ମତ୍ସ୍ୟ ମହାବିଦ୍ୟାଳୟ , ଓୟୁଏଟିର ଅଧ୍ୟାପକ ଡ଼ ଗଣେଶ ଚନ୍ଦ୍ର କୁଣ୍ଡ,ସହଯୋଗୀ ପ୍ରଫେସର ଡ଼ ସୁଶାନ୍ତ କୁମାର ପାତ୍ର , ପର୍ଯ୍ୟବେକ୍ଷକ ଓ କଳିଙ୍ଗକ୍ରୋନିକଲର ମୁଖ୍ୟ ସମ୍ପାଦକ ଡ଼ ପବିତ୍ର ମୋହନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଶ୍ୟାମଳ ସୁବର୍ଣ୍ଣ ମୁଖ୍ୟ ସମ୍ପାଦକ ଡ଼ି ଶୁଭମ୍ ସ୍ୱାଗତ ଭାଷଣ ଦେଇ ମତ୍ସ୍ୟ ଦିବସର ଆଭିମୁଖ୍ୟ କହିଥିବା ବେଳେ ମୁଖ୍ୟ ଅତିଥି ଡ଼ ବି.କେ.ଦାସ ଜଳବାୟୁ ପରିବର୍ତ୍ତନ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ମାଛ ଆମ ଶରୀର ପାଇଁ ଅନେକ ଉପଯୋଗୀ ହୋଇଥାଏ ତଥା ସରକାରଙ୍କ ମତ୍ସ୍ୟ ଉତ୍ପାଦନ ଯୋଜନା ବିଷୟରେ ଡ଼ ବିମଳ ମହାନ୍ତି ବର୍ଣ୍ଣନା କରିଥିଲେ। ଓଡ଼ିଶାର ମତ୍ସ୍ୟ ଉତ୍ପାଦନର ଚାହିଦା ତଥା ଏହାର ଉତ୍ପାଦନ ହାର ବିଷୟରେ ଡ଼ ଗଣେଶ ଚନ୍ଦ୍ର କୁଣ୍ଡ ସଂକ୍ଷିପ୍ତ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନେକ ମାଛ ଚାଷୀ ତଥା କୃଷି ଓ ମତ୍ସ୍ୟ ବିଜ୍ଞାନୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପତ୍ରିକାର ସଦସ୍ୟ ବିଜ୍ଞାନ ମିହିର ରାଉତ ଧନ୍ୟବାଦ ଦେଇଥିବା ବେଳ ନିରଦ ବରଣ ଦଳେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଧରା ପଡିଲା ମିଛ ପିଲା ଚୋରି: ଝିଅ ହେଲା ବୋଲି ଶାଶୂ ଓ ଜ୍ୱାଇଁ ରଚିଥିଲେ ଷଡଯନ୍ତ୍ର !

ସୁବର୍ଣ୍ଣପୁର,୨୨।୧୧(ପି.ଏନ): ଧରା ପଡିଲା ଶାଶୂ ଓ ଜ୍ୱାଇଁଙ୍କ ଚାଲ୍ ?ବାଜୀ। ଝିଅ ଜନ୍ମ ହେଲା ବୋଲି ବିକ୍ରି କରିଦେବା ପାଇଁ ସେମାନେ ପୂର୍ବରୁ କରିଥିଲେ ଷଡଯନ୍ତ୍ର। ସମୟ ସୁବିଧା ଦେଖି ଶାଶୂ ଓ ଜ୍ୱାଇଁ ମିଳିମିଶି ଶିଶୁ କନ୍ୟାକୁ ବିକ୍ରି କରିଦେଇଥିଲେ। ଆଉ ସମସ୍ତଙ୍କ ଆଗରେ ପୋଖତ କଳାକାରଙ୍କ ଭଳି ଅଭିନୟ କରୁଥିଲେ। ଏପରିକି ଥାନାରେ ଅଭିଯୋଗ ମଧ୍ୟ କରିଥିଲେ ଅଭିଯୁକ୍ତ ଗଜେନ୍ଦ୍ର ତାଣ୍ଡି। ଆଜି ସୁବର୍ଣ୍ଣପୁର ପୁଲିସ ଏହି ମିଛ ପିଲା ଚୋରିର ପର୍ଦ୍ଦାଫାସ କରିଛି। ମିଛ ଚୋରି ଅଭିଯୋଗରେ ପୁଲିସ ଜ୍ୱାଇଁ ଓ ଶାଶୂକୁ ଗିରଫ କରିଛି।ପୂରା ଘଟଣାଟି ଏମିତି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଷଣ୍ଢା ଗାଁର ଗଜେନ୍ଦ୍ର ତାଣ୍ଡିଙ୍କ ପତ୍ନୀ ସନ୍ତୋଷିନୀ ଶୁକ୍ରବାର ପ୍ରସବ ବେଦନା ପାଇଥିଲେ। ତାଙ୍କୁ ତାଙ୍କ ସ୍ୱାମୀ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେହିଦିନ ସେ ଏକ



ଶିଶୁ କନ୍ୟା ଜନ୍ମ ଦେଇଥିଲେ। ତା'ପର ଦିନ ଅର୍ଥାତ ଶନିବାର ସକାଳେ ସନ୍ତୋଷିନୀ ଶୌଚାଳୟ ଯାଇଥିଲେ। ଠିକ୍? ଏହି ସମୟରେ ଟିକା ଦେବା ବାହାନାରେ କୁନି ଝିଅକୁ ଧରି ସନ୍ତୋଷିନୀଙ୍କ ମାଆ କୁନ୍ତି ଜାଲ୍? ବାହାରକୁ ଯାଇଥିଲେ। ସେଠାରୁ ତାଙ୍କଠାରୁ ପିଲା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।ମେଡିକାଲ୍ ?ରୁ ପିଲା ଚୋରି ହୋଇଥିବା ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗଜେନ୍ଦ୍ର ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେପଟେ କିନ୍ତୁ ଗଜେନ୍ଦ୍ରଙ୍କ ପରିବାର ଲୋକେ ତାଙ୍କ ସମୁଦୁଣୀଙ୍କ ଉପରେ ସନ୍ଦେହ କରୁଥିଲେ। ପିଲା ଚୋରିରେ ତାଙ୍କ ସମୁଦୁଣୀଙ୍କ ହାତ ଥିବା ପୁଲିସ ପାଖରେ ଅଭିଯୋଗ କରିଥିଲେ।ସେପଟେ ପିଲା ଚୋରି ସମୟରେ ସିସିଟିଭି ଭିଡିଓ ସାମ୍ନାକୁ ଆସିଥିଲା। ସେଥିରେ ଦେଖିବାକୁ ମିଳିଥିଲା, ଜଣେ ମହିଳାଙ୍କୁ କୁନ୍ତି ନିଜ ନାତୁଣୀକୁ ଦେଇ ଦେଉଛନ୍ତି। ଏହା ପରେ ପୁଲିସ କୁନ୍ତି ଓ ତାଙ୍କ ଜ୍ୱାଇଁକୁ ଅଟକ ରଖି ଛାନ୍ ?ଭିନ୍ ? ଚଳାଇଥିଲା। ସୋମବାର ପ୍ରତାପପୁର-ଶରଧାପୁର ରାସ୍ତାରେ ଜଣେ ଶିଶୁ କନ୍ୟା ପଡିଥିବା ଖବର ପାଇଥିଲା ପୁଲିସ। ଏହା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁଟିକୁ ଉଦ୍ଧାର ମେଡିକାଲ୍ ?ରେ ଭର୍ତ୍ତି କରିଥିଲା। ପୁଲିସ ଏନେଇ ସନ୍ତୋଷିନୀକୁ ଡାକି ଉଦ୍ଧାର ହୋଇଥିବା ଶିଶୁ କନ୍ୟାକୁ ଦେଖାଇଥିଲା। ସନ୍ତୋଷିନୀ ନିଜ ଶିଶୁ କନ୍ୟାକୁ ଚିହ୍ନିଥିଲେ। ଶେଷରେ ମାଆ କୋଳକୁ ଫେରିଥିଲା ଗାଏବ ହୋଇଥିବା ଶିଶୁ କନ୍ୟା। ଏହି ମାମଲାରେ ସୁବର୍ଣ୍ଣପୁର ପୁଲିସ ସନ୍ତୋଷିନୀଙ୍କ ମାଆ ପନ୍ତି ଓ ସ୍ୱାମୀ ଗଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଚୋରି ନାଟକ ରଚିଥିବା ଶାଶୂ ଓ ଜ୍ୱାଇଁ କାହାକୁ ଶିଶୁ କନ୍ୟା ବିକିଥିଲେ ? କେଉଁ ବ୍ୟକ୍ତି କିଣିଥିଲେ ଶିଶୁ କନ୍ୟା ? ସିଏ ଏବେ କେଉଁଠି ଅଛିନ୍ତି ? ସେ କାହିଁକି ରାସ୍ତାରେ ପକାଇଦେଇଥିଲା ଶିଶୁ କନ୍ୟାକୁ ? ଏପରି ଅନେକ ପ୍ରଶ୍ନବାଚୀ ଏବେ ସାଧାରଣରେ ଉଙ୍କି ମାରିଛି। ପୁଲିସ ବୋଧହୁଏ ଭବିଷ୍ୟତରେ ଏହାର ଉତ୍ତର ଦେବ।


## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କୋଏଲନଗରର ବିଭିନ୍ନ ଅନୁଷ୍ଠାନ ପ୍ରତି ହେଉଥିବା ଅବହେଳାର ପ୍ରତିବାଦ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ କୋଏଲନଗର ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ଶିକ୍ଷାନୁଷ୍ଠାନ, ଷ୍ଟାଡିୟମ, ସାମାଜିକ କେନ୍ଦ୍ର, କ୍ଲବ୍, କମ୍ୟୁନିଟି ସେଣ୍ଟର, ପୂଜା ମଣ୍ଡପ ଓ ବଜାର ଇତ୍ୟାଦିର ତ୍ରୁଟିପୂର୍ଣ୍ଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣରେ ଅଭାବକୁ ନେଇ ଜିଲ୍ଲା କଂଗ୍ରେସ ତରଫରୁ ପ୍ରତିବାଦ କରାଯାଇଛି । ଗତ ୧୭ ତାରିଖରେ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନରଙ୍କୁ ସାକ୍ଷାତ କରି ମହତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡିକର ଦୟନୀୟ ଅବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି । କୋଏଲନଗର ବି ବ୍ଲକ୍ ଠାରେ ଗତ ୧୯୮୬ ମସିହାରେ ପ୍ରତିଷ୍ଠା କରାଯାଇଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ କୋଠା ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ବେଳେ ଗତ ୨୦୦୬ ମସିହାରେ ଉକ୍ତ ବିଦ୍ୟାଳୟ ପରିସରରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଦ୍ୱାରା ନିର୍ମିତ ଅନ୍ୟ ଏକ କୋଠାରେ ବହୁ କଷ୍ଟରେ ବିଦ୍ୟାଳୟ ଚାଲିଛି । ଉକ୍ତ କୋଠା ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ଆରମ୍ଭ କରିଥିବା ବେଳେ ଏହାର ୪ଟି ଶ୍ରେଣୀ ଗୃହରେ ୮ଟି ଶ୍ରେଣୀର ପିଲାଙ୍କୁ ଚଟାଣରେ ବସାଇ ଶିକ୍ଷାଦାନ କରାଯାଉଛି । ତେଣୁ ତୁରନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଏହି କୋଠାକୁ ଭାଙ୍ଗିବା ସହିତ ଏକ ନୂତନ କୋଠା ନିର୍ମାଣ କରି ଛାତ୍ରଛାତ୍ରୀଙ୍କ ପାଇଁ ଅଧ୍ୟୟନର ସୁଯୋଗ ସୃଷ୍ଟି କରିବାକୁ କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ମହାନଗର ନିଗମ ତରଫରୁ କୋଏଲନଗର ଠାରେ ପ୍ରତିଷ୍ଠିତ ମିନି ଷ୍ଟାଡିୟମ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ବ୍ୟବହାର ଅନୁପଯୋଗୀ ହୋଇଥିବା ବେଳେ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇ ଆରମ୍ଭ କରାଯାଇଥିବା ପୁରୁଷ ଓ ମହିଳା ବ୍ୟାୟାମଶାଳା ଅଧାପନ୍ତରିଆ ଅବସ୍ଥାରେ ଥିବାବେଳେ ଗ୍ୟାଲେରୀ ନିର୍ମାଣ କାର୍ଯ୍ୟ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି । ଷ୍ଟାଡିୟମର ଗୋଟିଏ ପାର୍ଶ୍ୱ ପ୍ରାଚୀର ନଷ୍ଟ ହୋଇଯାଇଥିବା ବେଳେ ପଡ଼ିଆଟି ସମତଳ ହୋଇନଥିବାରୁ ବର୍ଷାହେଲେ ପାଣି ଜମି କାଦୁଅ ପଚ ପଚ ହେଉଛି । ତେଣୁ ଏହି ଷ୍ଟାଡିୟମ ପ୍ରତି ଆପଣ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଷ୍ଟାଡିୟମରେ ପରିଣତ କରିବାକୁ ଏକ ପତ୍ର ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । କୋଏଲନଗର ଏ ବ୍ଲକ୍ ଠାରେ ଭଗବତୀ ସାମାଜିକ କେନ୍ଦ୍ର ନାମରେ ପ୍ରତିଷ୍ଠିତ ଦୁର୍ଗାପୂଜା ମଣ୍ଡପ ଓ ୨ଟି ଗୃହ ଆବଶ୍ୟକୀୟ ମରାମତି ଅଭାବରୁ ନଷ୍ଟ ହେବା ଆରମ୍ଭ କଲାଣି । କିଛି ବିବାଦ ଯୋଗୁ କେବଳ ଦୁର୍ଗା ପୂଜା ସମୟରେ ଏହି କେନ୍ଦ୍ର ଖୋଲିବା ସହିତ ବାକି ସମୟରେ ବନ୍ଦ ରହୁଥିବାରୁ କେନ୍ଦ୍ର ପରିସରରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହେଲାଣି । ଏହି ସାମାଜିକ କେନ୍ଦ୍ର ପ୍ରତି ଆବଶ୍ୟକୀୟ ଦୃଷ୍ଟି ଦେଇ ଏହାର ମରାମତି ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ କୋଏଲନଗର ବାସୀଙ୍କ ସେବାରେ ନିୟୋଜିତ କରିବାକୁ କଂଗ୍ରେସ ନେତୃବୃନ୍ଦ ପ୍ରସ୍ତାବ ଦେଇଛନ୍ତି । କୋଏଲନଗର ଡି ବ୍ଲକ୍ ଠାରେ ବେସରକାରୀ ଉଦ୍ୟମରେ ଆରମ୍ଭ କରାଯାଇ ପ୍ରତିଷ୍ଠା ଅର୍ଜନ କରିଥିବା କୋଏଲ କ୍ଲବ୍‌କୁ ଅବିଚାରିତ ଭାବେ ପ୍ରଶାସନ ତରଫରୁ ସିଲ୍ କରାଯାଇଥିବାରୁ ଏହି କ୍ଲବ୍ ଗୃହ ନଷ୍ଟ ହେବା ସହିତ କ୍ଲବ୍ ମଧ୍ୟରେ ଥିବା ବ୍ୟାୟାମ ଓ ଅନ୍ୟ ଉପକରଣମାନ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି । ବିଭିନ୍ନ ସମୟରେ ବିଧାୟକ ଓ ସାଂସଦଙ୍କ ଆଞ୍ଚଳିକ ବିକାଶ ପାଣ୍ଠି ଉକ୍ତ କ୍ଲବ୍‌ର କୋଠା ନିର୍ମାଣ ଓ ଉନ୍ନତିରେ ଖର୍ଚ୍ଚ ହୋଇଥିବାରୁ ଏହାର ସୁରକ୍ଷା ଓ ବ୍ୟବହାର ପାଇଁ ଉପଯୁକ୍ତ ନିଷ୍ପତ୍ତି ନେବାକୁ ଦଳ ତରଫରୁ କୁହାଯାଇଛି । ସେହିପରି କୋଏଲନଗର ଡି ବ୍ଲକ୍ ଠାରେ ମହାନଗର ନଗମ ନିଗମ ତରଫରୁ ନିର୍ମିତ କମ୍ୟୁନିଟି ସେଣ୍ଟର ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଲାଣି । ନଗର ନିଗମ କର୍ତ୍ତୃପକ୍ଷ ଏହି କମ୍ୟୁନିଟି ସେଣ୍ଟର ବୁକିଂ ପାଇଁ ୩ ହଜାର ଟଙ୍କା ନେଉଥିବା ବେଳେ ଏହାର ମରାମତି ଓ ଉନ୍ନତି ପାଇଁ ଆଦୌ ଚିନ୍ତା କରୁନାହାନ୍ତି । ତେଣୁ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ କୋଏଲନଗରବାସୀ ନିର୍ଭର କରୁଥିବା ଏହି କମ୍ୟୁନିଟି ସେଣ୍ଟରର ଆଶୁ ମରାମତି ଓ ଉନ୍ନତି ପାଇଁ କଂଗ୍ରେସ ତରଫରୁ ମହାନଗର ନିଗମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କୋଏଲନଗର ବି ବ୍ଲକ୍ ଠାରେ ଅବସ୍ଥିତ ଦୁର୍ଗାପୂଜା ମଣ୍ଡପ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି । ଏହି ମଣ୍ଡପ ଚାରିପାଖରେ ନିର୍ମିତ ପ୍ରାଚୀର ନଷ୍ଟ ହେବାକୁ ଆରମ୍ଭ କଲାଣି । ତେଣୁ ନଗର ନିଗମ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିପାତ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । କୋଏଲନଗରର ଇ ବ୍ଲକ୍ ଠାରେ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କ ପାଇଁ ପ୍ରାୟ ୭୦ ଲକ୍ଷରୁ ଅଧିକ ଟଙ୍କାରେ ନିର୍ମିତ ଶକ୍ତି ବଜାରରେ ଏବେ ତାଲା ଝୁଲୁଛି । ଗତ ତା- ୧.୩.୨୦୧୯ ରିଖରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ବଜାର ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅବହେଳା ଓ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଅଚଳ ହୋଇପଡିଛି । ଏହି ବଜାରକୁ କିପରି ଚାଲୁ କରାଯାଇ ମହିଳା ଗୋଷ୍ଠୀଙ୍କୁ ଯେପରେ ରୋଜଗାରର ସୁଯୋଗ ମିଳିପାରିବ, ସେଥିପାଇଁ ବିଶେଷ ଦୃଷ୍ଟି ଦେବାକୁ କଂଗ୍ରେସ ଦାବି କରିଛି । ତେବେ ଉପରୋକ୍ତ ପ୍ରସଙ୍ଗଗୁଡିକ ପ୍ରତି ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା ଗୁରୁତ୍ୱାରୋପ କରି ଆଗାମୀ ୩୧ ଏ ମାସ ମଧ୍ୟରେ ଏସମ୍ପର୍କ ବାବଦରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ସମସ୍ତ ଅନୁଷ୍ଠାନଙ୍କୁ ସାଧାରଣ ଲୋକଙ୍କ ସେବାରେ ସଠିକ୍ ଭାବେ ନିୟୋଜିତ କରାଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ଶ୍ରୀ ତିର୍କୀଙ୍କ ସମେତ ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତି, ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ରୋହିତ ଯୋସେଫ ତିର୍କୀ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ବରିଷ୍ଠ ରାମାନନ୍ଦ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, କୋଏଲନଗର ବ୍ଲକ୍ କଂଗ୍ରେସ ସଭାପତି ପ୍ରତାପ ବେହେରା, ଉପସଭାପତି ବିଜୟ ବେହେରା ଓ ସୁଶାନ୍ତ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସମ୍ପାଦକ ରବୀନ୍ଦ୍ର ନାୟକ ଓ ରବୀନ୍ଦ୍ର ଦାସ, କୋଷାଧ୍ୟକ୍ଷ ଚିତ୍ତରଂଜନ ମହାନ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରୋଶନ ତିର୍କୀ, ଯୁବନେତା ଏମ୍‌ଡି ଇମ୍‌ତିଆଜ, ଶୁକଦେବ ବଡାଇକ, ଏମ୍‌ଡି ଗୁଲାମ, ଅନୁପ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଏଇଟା ତୁମ କୋଠରୀ ମାଆ !



"ମୋର ପ୍ରମୋଶନ୍ ହୋଇଯାଇଛି ମାଆ, କଂପାନୀ ତରଫରୁ ମୋତେ ରହିବା ସକାଶେ ଘର ମିଳିଛି । ବହୁତ ବଡ ଘରଟିଏ । ତୁମେ ଏବେ ଏଇଠି ଆସି ରହିବ, ସହରରେ...ଏଇ କୋଠାଘରେ । ଜାଣିଚ ମା, ଏଠି ତୁମର କିଛି ବି ଅସୁବିଧା ହେବନାହିଁ । ସବୁ ସୁବିଧା କମ୍ପାନୀ ଯୋଗାଇଦେଇଛି । ମୁଁ ତୁମକୁ ଗାଁରୁ ଆଣିବା ପାଇଁ ଏଇ ଦିନେ କି ଦୁଇଦିନ ଭିତରେ ଯାଉଛି । ତୁମେ ପ୍ରସ୍ତୁତ ହୋଇ ରହିଥିବ ।"

ଗାଁ'ର ଏକ ପୁରୁଣାକାଳିଆ ଚାଳଘରେ ରହୁଥିବା ବାସନ୍ତୀ ପୁଅ ପାଖରୁ ଏ ଚିଠିଖଣ୍ଡିକ ପାଇ ବେଶ୍ ଦ୍ୱନ୍ଦ୍ୱରେ ପଡିଗଲା । ନିଜ ଗାଁରେ ଏତେବର୍ଷ ଭଲରେ ଭଲରେ ଚଳିଆସିଥିବା ଆଉ ଗାଁ ପାଣିପବନ ପରିବେଶ ସହିତ ଭଲଭାବରେ ପରିଚିତ ହୋଇସାରିଥିବା ବାସନ୍ତୀ ସହରରେ ଚଳିପାରିବ ତ ? କ'ଣ ସିଦ୍ଧାନ୍ତ ନେବ କିଛି ଭାବି ପାରୁ ନ ଥିଲା ।

ପଡିଶାଘରର ରେଶମାକୁ ଯେମିତି ସେ ଏତକ କହିଲା, ରେଶମା ତାକୁ ବୁଝାଇ ଦେଇ କହିଲା, "ଆଲୋ ବାସନ୍ତୀ, ପୁଅ ତା' ପାଖକୁ ଡାକୁଛି ରହିବା ପାଇଁ । ଭଲ କଥା । କିନ୍ତୁ ମୁଁ ଯେତିକି ଜାଣିଛି, ସହରରେ ଚଳିବା ଏତେ ସହଜ ନୁହେଁ । ପୁଅ ବୋହୂ ଦୁଇଜଣ ଚାକିରିଆ, ନାତି ନାତୁଣୀ ବି ପାଠ ପଢୁଛନ୍ତି । ସେମାନେ ଯିଏ ଯାହାର କାମରେ ବାହାରିଯିବେ ବାହାରକୁ...ଅଫିସ୍ ଆଉ ସ୍କୁଲକୁ । ଘରେ ତୁ ଏକୁଟିଆ ରହିବୁ । ନା କାହା ସହିତ କଥା ହୋଇପାରିବୁ ନା ଆଖପାଖ କାହାଘରକୁ ଯାଇପାରିବୁ । ସେଠି ନା...କେହି କାହାକୁ ଚିହ୍ନି ନଥାନ୍ତି । ବହୁତ ଖରାପ ଲାଗିବ ଲୋ ତୋତେ । ମୁଁ ମୋ ମନରୁ ଏ କଥା କହୁନି ଲୋ...ମୋତେ ପରା କୌଶଲ୍ୟା କହୁଥିଲା । ତାକୁ ତା' ପୁଅ ସହରକୁ ନେଇଗଲା ନିଜ ପାଖରେ ରଖିବା ପାଇଁ । ସେ ରହିପାରିଲା କି ? ପାରିଲା ନାହିଁ, ଛାଟିପିଟି ହୋଇ ପରା ପୁଣି ଗାଁକୁ ଫେରିଆସିଲା । କହିଲା, ଗାଁରେ ଥିଲି ଭଲରେ ଥିଲି । ସେଠି ତ ପୁଅ ବୋହୂଙ୍କ ପାଖରେ ମୋତେ କୁକୁର ଜୀବନ ଯାପନ କରିବାକୁ ହେଲା । ନା ଠିକ୍ ସମୟରେ ଗଣ୍ଡେ ଖାଇବାକୁ ମିଳିଲା ନା ଦରକାର ବେଳେ ଡାକିଲେ କେହି ଶୁଣିଲେ । ତା'ପରେ ରହିବା ପାଇଁ ଯେଉଁ କୋଠରୀ ମିଳିଲା, ସେଇଟା କୁଆଡେ ଚାକରଙ୍କ ରହିବା ପାଇଁ କୋଠରୀ । ତା' କଥା ଶୁଣି ମୋ ଛାତି ଫାଟିଗଲା ଲୋ... ଏ ବୟସରେ ଏମିତି ହୀନ୍ ଛିନ୍... ଛି ଛି... ଆମର ଏ ଗାଁ ଖୁବ୍ ଭଲ । ଭୋକ ଉପାସରେ ରହିବୁ ପଛେ...ଶାନ୍ତିରେ ତ ରହିବୁ । ତୋର ଭଲମନ୍ଦ ବେଳେ ଆମେ ସବୁ ତ ରହିଛୁ । ଦେଖ୍...ମୋର ଯାହା କହିବା କଥା ମୁଁ କହିଦେଲି । ତେଣିକି ତୁ ତୋର ନିଜ ବିଚାରରେ ଯାହା ଉଚିତ ଭାବିବୁ...କର ।"

ତହିଁ ପରଦିନ ପୁଅ କାର୍ ଧରି ଆସି ପହଂଚିଗଲା ଗାଁ'ରେ । ଯେତେ ଯାହା ବୁଝାଇଲେ ବି ସେ ମାଆର କିଛି କଥା ଶୁଣିଲା ନାହିଁ । ନିଜର କିଛି ଅତି ଆବଶ୍ୟକ ଚିଜ ଆଉ ଲୁଗାପଟା ନେଇ ସେ ପୁଅ ସହିତ କାର୍‌ରେ ସହରକୁ ଚାଲିଆସିଲା ବେଳେ ମନକୁ ବୁଝାଇ ଦେଉଥିଲା, ଯାହା ହେବ ଦେଖାଯିବ । କଷ୍ଟେମଷ୍ଟେ ଚଳାଇ ନେବି ସେଠି ।

ବେଶ୍ ଦୀର୍ଘଯାତ୍ରା ପରେ ସହରରେ ଏକ ବିରାଟ କୋଠା ନିକଟରେ ଅଟକିଲା କାର୍ ।

"ଏକ ଜରୁରୀ କାମରେ ମୋତେ ଏଇନା ଅଫିସ୍‌କୁ ଯିବାକୁ ପଡିବ ମାଆ... ମୁଁ ସନ୍ଧ୍ୟା ସୁଦ୍ଧା ଆସି ପହଂଚିଯିବି । ତୁମେ ଘର ଭିତରକୁ ଯାଅ...ମୁଁ ଚାକର ଟୋକାକୁ ସବୁ କହିଦେଇଛି, ସେ ତୁମର ସବୁ ବ୍ୟବସ୍ଥା କରାଇଦେବ ।" ଏତକ କହିଦେଇ ସେ କାର୍‌ରେ ଚାଲିଗଲା ।

କାର୍‌ରୁ ଓହ୍ଲାଇ ବାସନ୍ତୀ ପ୍ରଥମେ ଦେଖିନେଲା ସେ ବିରାଟ କୋଠାଘରଟିକୁ । ବାଃ...କି ସୁନ୍ଦର ଆଉ ଆଖିଝଲସିଆ ଘର ! ପୁଅ ତା'ହେଲେ ଏତେ ବଢିଆ ଘରେ ରହୁଚି ? ସେ ଫାଟକ ଖୋଲି ଭିତରକୁ ପଶିଲା । ଚାକର ପିଲାଟି ତା' ବ୍ୟାଗ୍ ନେଇ ଆଗେଆଗେ ଚାଲିଲା । ଗୋଟିଏ କୋଠରୀରେ ସେତକ ରଖିଦେଇ ସେ କହିଲା, "ଆପଣ ବିଶ୍ରାମ ନିଅନ୍ତୁ ମା...ମୁଁ ଚା କରି ଆଣୁଛି ।"

ବାସନ୍ତୀ ସେ କୋଠରୀକୁ ଭଲ ଭାବରେ ନିରେଖି ଦେଖିନେଲା । ଦୁଇଟି ଖଟ ପଡିଛି । ଚିକିମିକିଆ ଦାମୀ ବିଛଣା ଚାଦର, ଗଦି...ତକିଆ ସବୁ ଚମତ୍କାର । ଟେବୁଲ ଚେୟାର ବି ରହିଛି । ଝରକାରେ ଦାମୀ ପରଦା ଝୁଲୁଛି । ସେ ଅନ୍ୟ ଏକ କୋଠରୀକୁ ଗଲା । ସେମିତି ସାଜସଜା ସେଠି ବି । ମୋଟ୍ ଚାରିଟି କୋଠରୀ । ତିନିଟା ଶୋଇବା କୋଠରୀ, ଗୋଟିଏ ବୈଠକଖାନା । ସେ ମନେମନେ ହିସାବ କରିନେଲା, ଗୋଟିଏ ଶୋଇବା କୋଠରୀ ପୁଅ ବୋହୂଙ୍କର, ଗୋଟିଏରେ ନାତି ନାତୁଣୀ ଶୋଉଥିବେ ଆଉ ଗୋଟେ ରହିଥିବ ଅତିଥିଅଭ୍ୟାଗତଙ୍କ ସକାଶେ । ଭଲ ବ୍ୟବସ୍ଥା ଅବଶ୍ୟ । ତହୁଁ ସେ ପଛପଟକୁ ଗଲା ଆଉ କ'ଣ କେମିତି କୋଠରୀ ଅଛି ଦେଖିବା ପାଇଁ । ସେଠି ବି ଦୁଇଟି କୋଠରୀ ରହିଛି । ସାନସାନ ଅବଶ୍ୟ । ଗୋଟିଏ ତ ଷ୍ଟୋରରୁମ୍ , ଅନ୍ୟଟି ଖାଲି ରହିଛି । ସେ ଜାଣିଗଲା ଏଇଟା ନିଶ୍ଚିତ ଭାବରେ ତା' ପାଇଁ । ଛୋଟ ହେଲେ ବି ମନ୍ଦ ନୁହେଁ । ବାରଣ୍ଡା ରହିଛି । ମନକୁ ବୁଝାଇ ଦେଲା...ଏଠି ଆରାମରେ ଚଳିଯାଇହବ । ଠିକ୍ ସମୟରେ ଗଣ୍ଡେ ଖାଇବାକୁ ମିଳିଗଲେ ହେଲା । ସେ ଅଧିକା କାହିଁକି ଆଶା କରିବ ଯେ ?

ସେ ଫେରି ଆସିଲା ସେହି କୋଠରୀକୁ ଯେଉଁଠି ତା' ବ୍ୟାଗ ରହିଥିଲା । ଖଟ ଉପରେ ବସିଗଲା । ଆଃ.. କି ନରମ ଗଦି ! ଖଟକୁ ଆଉଁସି ଦେଲା ଦୁଇହାତରେ । ରୁମ୍‌କୁ ଲାଗି ପାଇଖାନା ବି ରହିଛି । ଭାବିଲା...ଏମିତି ଏକ କୋଠରୀରେ ସେ ଯଦି ରହିପାରନ୍ତା...! ଟିକେ ଗଡି ପଡିଲା ଖଟ ଉପରେ । ବଢିଆ ଲାଗୁଚି । ନିଦ ଆସିଯିବ କି ଆଉ ? ମନରେ ଭୟ ଆଉ ଆଶଙ୍କା ଆସିଲା କାଳେ ନିଦ ଆସିଗଲେ ପୁଅ କି ବୋହୂ ଆସି ତାକୁ ଗାଳି ଦେଇପାରନ୍ତି । ସେ ତରବର ହୋଇ ଉଠିପଡି ଚେୟାରରେ ଆସି ବସିପଡିଲା । ଚାକର ପିଲା ଆସି ଚା ଦେଇଗଲା ।

ସନ୍ଧ୍ୟାରେ ପୁଅ ଆସି ପଚାରିଲା, "ମା, କିଛି ଅସୁବିଧା ହୋଇନି ତ... ?"

"ନା ନା...କିଛି ଅସୁବିଧା ହୋଇନି । ହେଲେ ତୁ ମୋର ବ୍ୟାଗ ମୋ' କୋଠରୀରେ ରଖିବାର ବ୍ୟବସ୍ଥା କରାଇ ଦେ । ବହୁତ ଥକ୍କା ଲାଗୁଛି...ଟିକେ ଶୋଇବି ।"

"ନିଦ ଲାଗୁଚି ତ ଶୋଇପଡ । ଏଠି ଚେୟାରରେ ବସିଚ କ'ଣ ପାଇଁ ?" ଟିକେ ଆଶ୍ଚର୍ଯ୍ୟ ହୋଇ କହିଲା ପୁଅ ।

"ନା ନା ମୁଁ ଏଠି ଶୋଇପାରିବି ନାହିଁ । ମୋତେ ମୋ କୋଠରୀ ଦେଖାଇ ଦେ । ସେଇଠି ଆରାମରେ ଶୋଇବି ।"

"ତୁମ କୋଠରୀ ତ ଏଇଟା ମାଆ...ତୁମ ବ୍ୟାଗ ପରା ଚାକର ଆଣି ଏଇଠି ରଖିଦେଇ ଯାଇଛି ।"

"ଏଇଟା ମୋ କୋଠରୀ ! ! କଣ କହୁଚୁ ତୁ ? ଏତେ ବଡ ରୁମ୍‌ରେ ...ମୁଁ ରହିବି ? ଏଠି ତ ଦୁଇଟା ଖଟ ପଡିଛି ।"

"ହଁ...ଦୁଇଟି ଖଟ । ତୁମେ ଗୋଟେରେ ଶୋଇବ । ଆଉ ଦିଦି ଯେଉଁଦିନ ବୁଲି ଆସିବ ସେ ତ ନିଶ୍ଚୟ ତୁମ ପାଖରେ ଶୋଇବ ନା...ତା ପିଲାମାନେ ବି ଏଇ ରୁମ୍‌ରେ ତୁମ ସହିତ ଶୋଇବେ । ଏଠି ତୁମର କିଛି ବି ଅସୁବିଧା ହେବନି । ଟିଭି ଟ୍ୟାପ ରେକର୍ଡର ସବୁ ବ୍ୟବସ୍ଥା କରିଦେଇଛି ମୁଁ । ମନଇଚ୍ଛା ଚ୍ୟାନାଲ ତୁମେ ଦେଖିପାରିବ । ଆଉ ଯାହା ଦରକାର କହିବ, ସେତକ ବି କରାଇଦେବି । ଏ ଯାଏ ତୁମେ ମୋର ବହୁତ କିଛି କରିଚ ମା, ଏବେ ମୋତେ ବି ସୁଯୋଗ ଦିଅ ତୁମ ସେବା କରିବା ପାଇଁ ।"

ଏତକ କହି ସେ ମାଆଙ୍କୁ କୁଣ୍ଢାଇ ଧରିଲା । ସେତେବେଳକୁ ବାସନ୍ତୀଙ୍କ ଆଖିରୁ ଦୁଇଧାର ଲୁହ ବହିଯାଉଥିଲା ତାଙ୍କ ଅଜାଣତରେ ।

**ମୂଳହିନ୍ଦୀ-ଶ୍ୟାମସୁନ୍ଦର ଅଗ୍ରବାଲ, ଅନୁକୃତି-ବିନୟ କୁମାର ଦାସ, ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧, ମୋ-୯୮୬୧୦୧୮୩୬୯**

# ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବରଖାସ୍ତ ଓ ଗିରଫ ଦାବିରେ ରାଉରକେଲାରେ ଶାନ୍ତିପୂର୍ଣ୍ଣ ହରତାଳ ଅନୁଷ୍ଠିତ

ରାଉରକେଲା (ପିଏନ୍): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସନ୍‌ସାଇନ୍ ସ୍କୁଲର ଅଧ୍ୟକ୍ଷା ମମିତା ମେହେରଙ୍କ ଅପହରଣ ଓ ପରେ ଜଘନ୍ୟ ହତ୍ୟା ଘଟଣାରେ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ନେଇ ହେଉଥିବା ଅଭିଯୋଗ ଆଧାରରେ ତାଙ୍କୁ ମନ୍ତ୍ରୀ ପରିଷଦରୁ ବରଖାସ୍ତ କରି ଗିରଫ କରିବା ପାଇଁ ରାଜ୍ୟବ୍ୟାପି କଂଗ୍ରେସ ତରଫରୁ ଆନ୍ଦୋଳନ ଜାରି ରହିଛି । କଂଗ୍ରେସର ଛାତ୍ର, ଯୁବ ଓ ମହିଳା ଶାଖା ବିଭିନ୍ନ ପର୍ଯ୍ୟାୟରେ ଏହି ଆନ୍ଦୋଳନ ଚଳାଇଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି ତରଫରୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପ୍ରତିବାଦରେ ଏବଂ ତୁରନ୍ତ ତାଙ୍କୁ ବରଖାସ୍ତ କରି ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ଓଡିଶା ବନ୍ଦ ଡାକରା ଦିଆଯାଇଥିଲା । ତେବେ ଏହି ବନ୍ଦ ଡାକରା ଉପରେ ଓଡିଶା ହାଇକୋର୍ଟ ରୋକ୍ ଲଗାଇଥିବାରୁ ରାଉରକେଲା ସାଙ୍ଗଠନିକ ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ହରତାଳ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସ୍ଥାନୀୟ ବିଶ୍ରା ଛକଠାରେ ସମବେତ ହୋଇ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ମିଶ୍ର ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଉନଥିବାରୁ ତୁରନ୍ତ ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରିବା ପାଇଁ ଦାବି କରିଥିଲେ । କାରଣ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଏହି ହତ୍ୟା ଘଟଣାରେ ସମ୍ପୃକ୍ତିକୁ ନେଇ କେବେବି ତାଙ୍କ ଅଧିନରେ ଥିବା ପୋଲିସ୍ ତାଙ୍କ ବିରୁଦ୍ଧରେ ଆବଶ୍ୟକୀୟ ତଦନ୍ତ କରିପାରିବ ନାହିଁ । ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁର ଘନିଷ୍ଠ ପୃଷ୍ଠପୋଷକ ଭାବେ ଜଣାଶୁଣା କ୍ୟାପଟେନ ମିଶ୍ରଙ୍କୁ ଅବିଳମ୍ବେ ମନ୍ତ୍ରୀ ପରିଷଦରୁ ବରଖାସ୍ତ କରି ତାଙ୍କୁ ଗିରଫ କରିବା ପାଇଁ କଂଗ୍ରେସ କର୍ମୀମାନେ ଦାବି କରିଥିଲେ । ସେହିପରି ପାନପୋଷ ଛକଠାରେ ପୂର୍ବତନ ସଭାପତି ବିରେନ ସେନାପତିଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ହରତାଳରେ ସାମିଲ୍ ହୋଇ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ବ୍ୟାପକ ନାରାବାଜି କରିଥିଲେ । ଯେପର୍ଯ୍ୟନ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ବରଖାସ୍ତ କରି ତାଙ୍କ ବିରୁଦ୍ଧରେ ତଦନ୍ତକୁ ତ୍ୱରାନ୍ୱିତ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବା ସହିତ ଆନ୍ଦୋଳନକୁ ପୁରପଲ୍ଲୀରେ ପହଞ୍ଚାଯିବ ବୋଲି କହିଥିଲେ । ସ୍ୱଚ୍ଛ ଶାସନର କଥା କହୁଥିବା ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନବାବୁ ଜଘନ୍ୟ ଅପରାଧରେ ଜଡିତ ଥିବା ଜଣେ ମନ୍ତ୍ରୀଙ୍କୁ କାହିଁକି ଘଣ୍ଟ ଘୋଡାଉଛନ୍ତି ବୋଲି ଆନ୍ଦୋଳନକାରୀ କଂଗ୍ରେସ ନେତୃବୃନ୍ଦ ପ୍ରଶ୍ନ କରିବା ସହିତ ବୋଧହୁଏ କ୍ୟାପଟେନ ମିଶ୍ର ମନ୍ତ୍ରୀମଣ୍ଡଳରୁ ବହିଷ୍କୃତ ହୋଇ ଗିରଫ ହେଲେ ସରକାରର ମୁଖା ଖୋଲିଯିବା ସହିତ ନବୀନ ସରକାରର ପତନ ଘଟିବ ବୋଲି ଆନ୍ଦୋଳନକାରୀମାନେ ଆଶଙ୍କା ବ୍ୟକ୍ତ କରିଥିଲେ । ତେବେ ମମିତା ଅପହରଣ ଓ ହତ୍ୟାକାଣ୍ଡ ରାଜ୍ୟ ବିଜେଡି ସରକାରର ପତନର ଆରମ୍ଭ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରି ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ଓ ନବୀନବାବୁଙ୍କ ସରକାର ଶତଚେଷ୍ଟା କରି ମଧ୍ୟ ଗଣତନ୍ତ୍ରର କଣ୍ଠରୋଧ କରିପାରିବେ ନାହିଁ ବୋଲି କହିଥିଲେ । କଂଗ୍ରେସର ଏହି ବନ୍ଦ ଡାକରାକୁ ପ୍ରତିହତ କରିବା ପାଇଁ ଓଡିଶା ସରକାର ଯେଉଁ ଚାଲ୍ ଖେଳିଛନ୍ତି ଆଗାମୀ ଦିନରେ ତାଙ୍କୁ ସେଥିପାଇଁ ବହୁମୂଲ୍ୟ ଦେବାକୁ ପଡିବ ବୋଲି ଏହି ଅବସରରେ ନେତୃବୃନ୍ଦ ଚେତାବନୀ ଦେଇଥିଲେ । ମଧ୍ୟାହ୍ନ ୧୨ଟା ସମୟରେ ଏହି ଶାନ୍ତିପୂର୍ଣ୍ଣ ହରତାଳ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଉଭୟ କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀ ନେତା ପ୍ରଶାନ୍ତ ସେଠୀ, ଉପସଭାପତି ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ରାଜେଶ ଟପ୍ପୋ, ଫିରୋଜ ଖାନ, ମୁଖପାତ୍ର ଇଂ.ଆର୍.ପି. ସିଂହ ଓ ଗିରିଜା ଶଙ୍କର ମିଶ୍ର, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, କୃଷକ କଂଗ୍ରେସ ଅଧ୍ୟକ୍ଷ ମନମୋହନ ଓରାମ, ଜିଲ୍ଲା କଂଗ୍ରେସର ଶ୍ୟାମେନ୍ଦ୍ର ମାହାତୋ, ବିଜୟ ବେହେରା ଓ ବିଜୟ ପଟ୍ଟନାୟକ, ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ରୁକସାନା ବେଗମ, ସୁନୀଲ ସିଂହ, ରତିକାନ୍ତ ମଲ୍ଲିକ, ଜିତେନ୍ଦ୍ର ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ, ପ୍ରତାପ ବେହେରା, ସୁନୀତା ଲାକ୍ରା, ଯୁବନେତା ସିଦ୍ଧେଶ୍ୱର ମଲ୍ଲିକ, ଦିଲ୍ଲୀପ ଲାହିରି, ବିଶ୍ୱଜିତ ସାହୁ, ବୁବୁ ଦାସ, ସେବାଦଳର ବୁଲୁ ଦାସ, ପ୍ରତାପ ସାହୁ, ବିଜୟ ସାହୁ, ଏମ୍‌ଡି ମୁର, ଇମ୍‌ତିଆଜ ଖାନ, ଏମ୍‌ଡି ଜାଭେଦ, ଏମ୍‌ଡି ସଲ୍ଲାଉଦ୍ଦିନ, ପିଣ୍ଟୁ ନନ୍ଦ, ଅନୁପ ସାହୁ, ବଳବୀର ସିଂହ, ସୁବଳ ବାସୁରୀ, ବନଲତା ବେହେରା, ମଙ୍ଗୁଳି ମହାନ୍ତି, ବସନ୍ତ ସାମଲ, କାର୍ତ୍ତିକ ବେଉରିଆ, ଶୁକଦେବ ବଡାଇକ, ସେକ୍ ସମୀର, ଆଇତା ବାହାଦୁର, ଏମ୍‌ଡି ଫାରୁକ, ସେକ୍ ସମିମ, ଛୋଟୁ ସାହୁ, ଏମ୍‌ଡି ନିଆଜ, ଏମ୍‌ଡି ଆଗବର, ରବି ବରେଜ, ଅଜୟ ବେହେରା ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ କର୍ମୀ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଜଣାଇଛନ୍ତି ।

# ଡାକ ବିଭାଗ ତରଫରୁ ୧୯ ଦଫା ଦାବି ନେଇ ପ୍ରତିବାଦ




କେନ୍ଦୁଝର (ପିଏନ୍): ସର୍ବଭାରତୀୟ ସ୍ତରରେ ଡାକ ବିଭାଗ ତରଫରୁ କେନ୍ଦୁଝର ପ୍ରଧାନ ଡାକଘରେ ୧୯ ଦଫା ଦାବି ନେଇ ଡାକ ବିଭାଗର ତୃତୀୟ ଶ୍ରେଣୀ କର୍ମଚାରୀ, ଏମ୍‌ଜିଏଚ୍, ପୋଷ୍ଟମ୍ୟାନ୍ କର୍ମଚାରୀ ସଂଘ ଓ ଗ୍ରାମୀଣ ଡାକ ସଂଘଙ୍କ ମିଳିତ ଆନୁକୂଲ୍ୟରେ ଏକ ଦିନିକିଆ ପ୍ରତିବାଦ ଧାରଣା ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଟ୍ରେଡ୍ ୟୁନିୟନର କ୍ଷମତାକୁ ସଂକୁଚିତ କରାଯାଇ କର୍ମଚାରୀଙ୍କ ଗଣତାନ୍ତ୍ରିକ ଦାବି ପ୍ରତି ସରକାରଙ୍କ ଦମନଲୀଳା ସଙ୍ଗେ ସଙ୍ଗେ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ପୁରୁଣା ପେନ୍‌ସନ, ଡାକ ବିଭାଗର ମେରୁଦଣ୍ଡ ବୋଲାଉ ଥିବା ଗ୍ରାମୀଣ ଡାକ ସେବକଙ୍କ ବିଭିନ୍ନ ଦାବି ପ୍ରତି ସରକାର ସମ୍ପୂର୍ଣ୍ଣ ଉଦାସୀନ ହେଉଥିବା ହେତୁ କର୍ମଚାରୀଙ୍କ ମନରେ କ୍ଷୋଭ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ତୁରନ୍ତ ଦାବିଗୁଡିକ ପୂରଣ ପାଇଁ ପ୍ରତିବାଦ ପରି ଏକ ଚରମ ନିଷ୍ପତ୍ତି ନିଆଯାଇଛି । ବିଶେଷ କରି ସରକାରଙ୍କ ଦ୍ୱାରା ଗଠିତ କମଲେଶ ଚନ୍ଦ୍ର କମିଟି କରିଥିବା ସକାରାତ୍ମକ ସୁପାରିଶଗୁଡିକ ଦୀର୍ଘବର୍ଷ ଧରି ପୂରଣ କରାଯାଉ ନଥିବାରୁ ଗ୍ରାମୀଣ ଡାକ ସେବକଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହୋଇଛି । କାର୍ଯ୍ୟ ଭାର ଦିନକୁ ଦିନ ବୃଦ୍ଧି ପାଉଥିଲେ ହେଁ ଗ୍ରାମାଞ୍ଚଳର ଦୁର୍ଗମ ଅଂଚଳରେ ଔଷଧ, ମନିଅର୍ଡର, ଜମା ସଂଗ୍ରହ, ଲୋକଙ୍କ ଦ୍ୱାରଦେଶରେ ଅର୍ଥ ଯୋଗାଇବା ସହ ବିକଳାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସମସ୍ତ ସେବା ଯୋଗାଇ ଦେଉଥିଲେ ହେଁ ଅବସର ପରେ ପେନ୍‌ସନ୍ ବ୍ୟବସ୍ଥା ନଥିବାରୁ ଅବଶିଷ୍ଟ ଜୀବନ ଅତ୍ୟନ୍ତ ହାହୁତାଶମୟ ହୋଇ ପଡିଛି ବୋଲି ଏହି ଧର୍ମଘଟରେ ଯୋଗ ଦେଇଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି । ଆବଶ୍ୟକ ପଦଗୁଡିକ ଖାଲି ପଡିଥିଲେ ହେଁ ଏ ପର୍ଯ୍ୟନ୍ତ ତାହା ପୂରଣ କରାଯାଉନାହିଁ । ତତ୍‌ସଙ୍ଗେ ସଙ୍ଗେ ଡାକ ବିଭାଗକୁ ଘରୋଇକରଣ କରିବା ପାଇଁ ସରକାରଙ୍କ ତରଫରୁ କରାଯାଉଥିବା ଚକ୍ରାନ୍ତର କଟୁ ସମାଲୋଚନା କରାଯାଇଥିଲା । ଏହିପରି ଜନବିରୋଧୀ କାର୍ଯ୍ୟ ସରକାର ତୁରନ୍ତ ବନ୍ଦ କରି ସମାଜ ମଙ୍ଗଳ ପ୍ରତି ଯତ୍ନବାନ ନହେଲେ ଆଗାମୀ କାଳି ଉପନିର୍ବାଚନ ଫଳାଫଳର ପୁନରାବୃତ୍ତି ହେବ ବୋଲି ସତର୍କ କରାଇ ଦିଆଯାଇଥିଲା । ଉକ୍ତ ପ୍ରତିବାଦରେ ଗ୍ରାମୀଣ ଡାକ ସେବକ ସଂଘର ଜିଲ୍ଲା ସମ୍ପାଦକ ସଂଜୟ ପଣ୍ଡା, ପରମାନନ୍ଦ ଦାସ, ବିଦ୍ୟାଧର ସିଂ, ଲକ୍ଷ୍ମଣ ମହାପାତ୍ର, ନ୍ୟାସନାଲ ୟୁନିୟନର ସମ୍ପାଦକ ପ୍ରେମାନନ୍ଦ ପାତ୍ର ଓ ତୃତୀୟ ଶ୍ରେଣୀ କର୍ମଚାରୀ ସଂଘର ସମ୍ପାଦକ ଅମୂଲ୍ୟ ମିଶ୍ର, ତ୍ରିଲୋଚନ ମହାନ୍ତ, ପୁରୁଷୋତ୍ତମ ସାହୁ, ପୁଷ୍ପଲତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷୟତ୍ରୀ ମମିତା ମେହେରଙ୍କ ରହସ୍ୟମୟ ମୃତ୍ୟୁକୁ ନେଇ ବିଜେପିର ବ୍ଲକ ଓ ପୋଲିସ୍ ଷ୍ଟେସନ ଘେରଉ

ଆନନ୍ଦପୁର (ପିଏନ୍): ଶିକ୍ଷୟତ୍ରୀ ମମିତା ମେହେରଙ୍କ ରହସ୍ୟମୟ ମୃତ୍ୟୁ ଓ ଏଥିରେ ସଂପୃକ୍ତ ଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫଦାରି ସହ ଘଟଣାକୁ ଘଣ୍ଟ ଘୋଡାଉଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରିଛି ଆନନ୍ଦପୁର ଓ ଘସିପୁରା ବିଜେପି । ଏହି ଘଟଣାକୁ ନେଇ ସାରା ଓଡିଶାରେ ବିଜେପି ସମସ୍ତ ବ୍ଲକ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରିବା କ୍ରମରେ ଆନନ୍ଦପୁର ବିଜେପି ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ହାଟଡିହି ଓ ଆନନ୍ଦପୁର ବ୍ଲକରେ ବିଜେପି କାର୍ଯ୍ୟକର୍ତ୍ତାମାନେ ବ୍ଲକ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ଘସିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ କୁଅଁରଙ୍କ ନେତୃତ୍ୱରେ ଘସିପୁରା ବ୍ଲକ ଓ ଥାନା ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ନେତା ମହେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ଶମ୍ଭୁନାଥ ରାଉତ, ଗୋଲଖ ଜେନା, ଜ୍ଞାନରଂଜନ ସାମନ୍ତସିଂହାର, ସୁମତି ଜେନା, ନିରାକାର ଦଳେଇ, ମଧୁସୁଦନ ରାଉତ, ହରମନ ଶାନିନ, ସୁଶାନ୍ତ ଜେନା, ମଣ୍ଡଳ ସଭାପତି ଶଶିକାନ୍ତ ରାଉତ, ବଳଭଦ୍ର ବାରିକ, ଟୁକୁନା ମହାନ୍ତ, ହେମନ୍ତ ମହାନ୍ତ, କୈଳାସ ସାମଲ, ଟିକି କିସ୍କୁ, ପ୍ରଶାନ୍ତ ମହାପାତ୍ର ପ୍ରମୁଖଙ୍କ ସମେତ ହଜାର ହଜାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

# ଖଣି ମାଲିକଙ୍କ ଷଡଯନ୍ତ୍ର ଯୋଗୁଁ ଜିଲ୍ଲାରେ ବନ୍ଦ ହେବ ବହୁ କଳକାରଖାନା



କେନ୍ଦୁଝର (ପିଏନ୍): ଖଣିଜ ସଂପଦରେ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲାରେ ଲୁହାପଥରକୁ ଭିତ୍ତି କରି ଶିଳ୍ପ ପ୍ରତିଷ୍ଠା କରିବାର ସମସ୍ତ ଭିତ୍ତିଭୂମି ପୁରି ରହିଛି । ଶିଳ୍ପ ବ୍ୟବସାୟ କରିବାକୁ ରୁଚି ରଖିଥିବା ଶିଳ୍ପପତିମାନେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜିଲ୍ଲାରେ ଅନେକ ସ୍ପଞ୍ଜ ଆଇରନ୍ କାରଖାନା ଓ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା କରିଛନ୍ତି । ମାତ୍ର ଆବଶ୍ୟକ ପରିମାଣର କଞ୍ଚାମାଲ ଉପଯୁକ୍ତ ମୂଲ୍ୟରେ ମିଳୁ ନ ଥିବା ଫଳରେ ଜିଲ୍ଲାର ୯୦ପ୍ରତିଶତ ସ୍ପଂଜ ଆଇରନ କାରଖାନା ବନ୍ଦ ହୋଇ ପଡି ରହିଛି । ଏତଦ୍‌ବ୍ୟତୀତ ପ୍ରଦୂଷଣ ମୁକ୍ତ ତଥା ଗ୍ରୀନ୍ ପ୍ରୋଜେକ୍ଟ ଭାବରେ ଖ୍ୟାତ ଜିଲ୍ଲାରେ ପ୍ରତିଷ୍ଠା ଲାଭ କରିଥିବା ପିଲେଟ୍ ପ୍ଲାଣ୍ଟ ଗୁଡିକ ମଧ୍ୟରୁ କେତେକ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକ ବନ୍ଦ ହେବାକୁ ଯାଉଥିବା ସଂପୃକ୍ତ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ହଜାର ହଜାର ଶ୍ରମିକ ଓ ଶିଳ୍ପପତିଙ୍କ ମୁଣ୍ଡରେ ଚଡକ ପଡିବା ସଦୃଶ ହୋଇଛି । ସୂଚନା ଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାରେ ଥିବା ୧୨୧ଟି ଖଣି ମଧ୍ୟରୁ ବର୍ତ୍ତମାନ ପ୍ରାୟ ୨୦ଟି ପାଖାପାଖି ଖଣି ଚାଲୁଥିବା ଜଣାପଡିଛି । ଏହି ଖଣି ଗୁଡିକରେ ଖଣିଜ ଉତ୍ତୋଳନ ମଧ୍ୟ ଚାଲୁ ରହିଛି । ତେବେ ଖଣି ମାଲିକମାନଙ୍କ ଚାଲ୍ ଯୋଗୁଁ ଜିଲ୍ଲା ତଥା ରାଜ୍ୟରେ ଥିବା ପ୍ରାୟ ସମସ୍ତ ପିଲେଟ୍ ପ୍ଲାଣ୍ଟ ବନ୍ଦ ହେବାକୁ ବସିଥିବା କହିଲେ ଚଳେ । ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଓଡିଶା ସ୍ପଂଜ ଆଇରନ, ଶ୍ରୀମେଟାଲିକ୍,ଆରଡେଷ୍ଟ ଷ୍ଟିଲ ଲିଃ,ଏମଏସପି କାରଖାନା,ବ୍ରାଣ୍ଡ ଷ୍ଟିଲ ଏଣ୍ଡ ପାୱାର ପ୍ରାଇଭେଟ ଲିଃ, ଜଗନ୍ନାଥ ସ୍ପଂଜ କାରଖାନା, କୁସୁମ ପାୱାର ପ୍ଲାଣ୍ଟଠାରୁ ଆରମ୍ଭ କରି ଯୋଡା-ବଡବିଲ ଅନ୍ତର୍ଗତରେ ରହିଥିବା ଅନେକ ସ୍ପଂଜ ଆଇରନ କାରଖାନା ଓ ପିଲେଟ୍ ପ୍ଲାଣ୍ଟ କଞ୍ଚାମାଲ ଅଭାବରୁ ଅନେକ ସମୟରେ ବନ୍ଦ ହେଉଥିବା ଯୋଗୁ ଶିଳ୍ପପତିମାନେ କ୍ଷତି ସହୁଥିବାବେଳେ ହଜାର ହଜାର ଶ୍ରମିକଙ୍କ ଅବସ୍ଥା କହିଲେ ନ ଚଳେ । ଜିଲ୍ଲାରେ ପ୍ରତିଷ୍ଠିତ ୨୧ଟି ସ୍ପଂଜ ଆଇରନ କାରଖାନା ଓ ପିଲେଟ୍ ପ୍ଲାଣ୍ଟଗୁଡିକୁ ଉପଯୁକ୍ତ ସମୟରେ ଆବଶ୍ୟକ ପରିମାଣର କଞ୍ଚାମାଲ ଯୋଗାଇବାରେ ପ୍ରଶାସନ ବିଫଳ ହେଉଥିବା ଯୋଗୁଁ ଜିଲ୍ଲାରେ ଶିଳ୍ପର ବିକାଶ ହେବା ପରିବର୍ତ୍ତେ ବିନାଶ ହେଉଥିବା ଅଭିଯୋଗ ହୋଇଛି । ବିଶେଷ କରି ପିଲେଟ୍ ପ୍ଲାଣ୍ଟ ବନ୍ଦ ହେବା ପଛରେ ଜିଲ୍ଲାରେ କାର୍ଯ୍ୟରତ ଥିବା କେତେକ ଖଣି ମାଲିକଙ୍କ ଭୟଙ୍କର ଷଡଯନ୍ତ୍ର ମୁଖ୍ୟତଃ ଦାୟୀ ବୋଲି ଶ୍ରମିକମାନଙ୍କ ମହଲରୁ ଅଭିଯୋଗ ହୋଇଛି । ପିଲେଟ୍ ପ୍ଲାଣ୍ଟ ପାଇଁ ଫାଇନ୍‌ସ ଦରକାର ହେଉଥିବା ବେଳେ ବର୍ତ୍ତମାନ ଖଣିମାଲିକମାନେ ଉଦ୍ଦେଶ୍ୟମୂଳକ ଭାବେ ଫାଇନସ୍‌ର ମୂଲ୍ୟ ଟନ୍ ପିଛା ୧୫୦୦/- ରୁ ୧୮୦୦/- ଟଙ୍କାକୁ ବୃଦ୍ଧି କରିଥିବା ବେଳେ ସେପଟେ ସାଇଜ୍ ଓର୍ ଲୁହାପଥର ମୂଲ୍ୟ ଟନ୍ ପିଛା ୨୭୦୦/- ଟଙ୍କା ରଖିଛନ୍ତି । ଫାଇନସ୍‌ର ମୂଲ୍ୟବୃଦ୍ଧି ପଛରେ ଖଣିମାଲିକଙ୍କ ଚକ୍ରାନ୍ତ ଓ ଏକଚାଟିଆ କାରବାର ଫଳରେ ପିଲେଟ୍ ପ୍ଲାଣ୍ଟ ଶିଳ୍ପ ସଂସ୍ଥାଗୁଡିକ ଅଧିକ ମୂଲ୍ୟ ଦେଇ କଞ୍ଚାମାଲ କିଣିଲେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ପିଲେଟ୍ ବିକ୍ରି ହେବା କଷ୍ଟକର ହୋଇପଡିବ । ଫଳରେ ଖଣିମାଲିକମାନେ ନିଜର ମନମାନି ଚଳାଇ ସାଇଜ୍ ଓର୍‌କୁ ବାହାର ବଜାରରେ ଟନ୍ ପିଛା ୨୭୦୦/- ଟଙ୍କାରେ ବିକି ମାଲେମାଲ ହେବା ଚକ୍କରରେ ରହିଥିବା ଶ୍ରମିକମାନଙ୍କ ଅଭିଯୋଗରୁ ଜଣାପଡିଛି । ଗୋଟିଏ ପଟେ ପିଲେଟ୍ କିଣିବା ପ୍ରତି ବାହାର ଶିଳ୍ପପତିମାନେ ପ୍ରାଥମିକତା ସୂତ୍ରରେ ପ୍ରାଧାନ୍ୟ ଦେଉଥିବା ବେଳେ ଏପଟେ ଖଣିମାଲିକମାନଙ୍କ ସାଇଜ୍ ଓର୍ ଲୁହାପଥର ବିକ୍ରିର ଚାହିଦା ଦିନକୁ ଦିନ କମୁଥିବା ଯୋଗୁ ଖଣିମାଲିକମାନେ ଜାଣିଶୁଣି ପିଲେଟ୍ ତିଆରିକୁ ବନ୍ଦ କରିଦେବା ଉଦ୍ଦେଶ୍ୟରେ ଫାଇନସ୍‌ର ମୂଲ୍ୟ ବୃଦ୍ଧି କରିବା ଏକ ଅନୈତିକ ଓ ଅବିଚାର କାର୍ଯ୍ୟ ବୋଲି କିଛି ଶିଳ୍ପପତି ଓ ଶ୍ରମିକ ସଂସ୍ଥାର କର୍ମକର୍ତ୍ତା ଗୁରୁତର ଅଭିଯୋଗ ଉଠାଇଛନ୍ତି । ଏପରିକି ଖଣିମାଲିକମାନେ ନିଜ ଇଚ୍ଛା ଅନୁସାରେ ଫାଇନସ୍‌ର ମୂଲ୍ୟବୃଦ୍ଧି କରୁଥିବା ବେଳେ ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ବଳିଷ୍ଠ ଅଙ୍କୁଶ ଏମାନଙ୍କ ପ୍ରତି ନ ରହିବା ଶିଳ୍ପପତି ଓ ହଜାର ହଜାର ଶ୍ରମିକଙ୍କ ପ୍ରତି ଉପହାସ ଛଡା ଅନ୍ୟ କିଛି ନୁହେଁ ବୋଲି ସ୍ପଷ୍ଟ ଅଟେ । ଗୋଟିଏ ପଟେ ସରକାର ଶିଳ୍ପାୟନର ଡିଣ୍ଡିମ ପିଟୁଥିବା ବେଳେ ଅନ୍ୟ ପଟେ କିଛି ଖଣିମାଲିକ ନିଜର ମନମାନି ଚଳାଇ ଉଦ୍ଦେଶ୍ୟମୂଳକ ଭାବେ ଫାଇନସ୍‌ର ମୂଲ୍ୟ ବୃଦ୍ଧି କରି ପିଲେଟ୍ ପ୍ଲାଣ୍ଟଗୁଡିକୁ ବନ୍ଦ କରିବା ପାଇଁ କରୁଥିବା ଷଡଯନ୍ତ୍ର କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦିନକୁ ଦିନ ଷ୍ଟିଲ ଦର ବଢୁଥିବାବେଳେ ଡିଆରଆଇ ଏବଂ ପିଲେଟ ଦର ବଢୁନାହିଁ । ଖଣିମାଲିକ ଏବଂ ବଡ ବଡ ଷ୍ଟିଲ ପ୍ଲାଣ୍ଟଙ୍କ ଚକ୍ରାନ୍ତ ଯୋଗୁଁ ସେକେଣ୍ଡାରୀ ଷ୍ଟିଲ ଶିଳ୍ପ ବନ୍ଦ ହେବାକୁ ବସିଛି । ସେକେଣ୍ଡାରୀ ଶିଳ୍ପ ବର୍ତ୍ତମାନ ଟନ ପିଛା ୫ଶହ ଟଙ୍କା ଲାଭ କରିବା କଷ୍ଟକର ହେଉଥିବାରୁ କାରଖାନା ଚଲାଇଲେ କ୍ଷତି ହେବ । ବର୍ତ୍ତମାନ ପିଲେଟ ଦର ୧୦୨୦୦ ଟଙ୍କା ରହିଛି । ଏହି ଦରରେ ବିକ୍ରୀ କଲେ କାରଖାନା ଚଲାଇବା କଷ୍ଟକର ହୋଇପଡିବ । ସେକେଣ୍ଡାରୀ ଷ୍ଟିଲ ପାଇଁ ଆବଶ୍ୟକ ହେଉଥିବା ଉଚ୍ଚ ମାନର ଫାଇନ୍ସ ଏବଂ ସାଇଜ ଓର ମିଳୁନାହିଁ । ଏଭଳି ସ୍ଥିତିରେ କାରଖାନାରେ କାମ କରୁଥିବା କର୍ମଚାରୀଙ୍କ ଦରମା ଦେବା ମଧ୍ୟ କଷ୍ଟକର ହେଲାଣି । ଏଭଳି ହୀନ ଚକ୍ରାନ୍ତରେ ଜଡିତ ତଥା ଲାଭଖୋର ମନୋବୃତ୍ତି ରଖି ଯେଉଁ ଖଣିମାଲିକମାନେ ଲୁହାପଥର ଭିତ୍ତିକ ଶିଳ୍ପ ବନ୍ଦ ହେବା ଭଳି କାର୍ଯ୍ୟ କରୁଛନ୍ତି ସେମାନଙ୍କ ପ୍ରତି ରାଜ୍ୟ ସରକାର ପଦକ୍ଷେପ ନନେଲେ ସେକେଣ୍ଡାରୀ ଷ୍ଟିଲ ବନ୍ଦ ହେବାସହ ବହୁ ଲୋକ କର୍ମସଂସ୍ଥାନ ହରାଇବେ । ସରକାର ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଶ୍ରମିକ ନେତା ମହେଶ୍ୱର ରାଉତ ଦାବୀ କରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୨୩

# ——ନିର୍ବାଚନ——



ସକାଳୁ ସକାଳୁ ଦଣ୍ଡଧାରୀ ବାବୁ ହାଇଟେକ ବାବାଙ୍କୁ ସାକ୍ଷାତ ପାଇଁ ଧାଇଁ ଆସିଲେ । ଏକ ଜବର ଖବର କାଲି ସରକାର ପ୍ରକାଶ କରିଛନ୍ତି । ପଞ୍ଚାୟତ ନିର୍ବାଚନରେ ଖର୍ଚ୍ଚସୀମା ବଢାଯାଇଛି । ସରପଞ୍ଚଙ୍କ ପାଇଁ ୨ ଲକ୍ଷ ଟଙ୍କା ୨ଟା ଗାଡି ଓ ପାଞ୍ଚଟା ମଟର ସାଇକେଲ ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି । କେବେ ଠାରୁ ବାବୁ ସରପଞ୍ଚରେ ଠିଆ ହେବା ପାଇଁ ମନ ବଳାଇଛନ୍ତି । ସରପଞ୍ଚ ପଦବୀକୁ ରାଜ୍ୟ ସରକାର ଜିଲାପାଳ କ୍ଷମତା ପ୍ରଦାନ କରିଛନ୍ତି । ବାବା ଯଦି କିଛି ଆର୍ଥିକ ସହାୟତାର ପ୍ରତିଶୃତି ଦିଅନ୍ତି, ତାହାଲେ ଦଣ୍ଡଧାରୀ ଆଗୁଆ ପ୍ରଚାର ଆରମ୍ଭ କରିଦେବେ । ସଂଜ ସମୟ । ହାଇଟେକ ବାବା ନିଜ କମ୍ପୁଟରକୁ ରଖି ଆଳତି ପ୍ରଦାନ କରୁଥାଆନ୍ତି । ତାଙ୍କ ପାଇଁ କମ୍ପୁଟର ହିଁ ଆଜିର ଭଗବାନ । ପୁରାଣର ଠାକୁର ଯାହା କରି ନ ପାରିବେ,କମ୍ପୁଟର କରିଦେଉଛି । ତାଙ୍କୁ ହାଇଟେକ ବାବାର ମାନ୍ୟତା ଦେଇଛି ।

ଠିକ ଏତିକି ବେଳେ ଦଣ୍ଡଧାରୀ ବାବୁ ପହଞ୍ଚିଗଲେ । ବାବା ତଥାପି ଆଳତୀ କରୁଥାଆନ୍ତି । କିଛି ସମୟ ପରେ ପୂଜା ସରିଲା । ବାବା କମ୍ପୁଟର ସହ ବାହାରକୁ ଆସିଲେ । ଦଣ୍ଡଧାରୀ ବାବୁ "ପ୍ରଣାମ" କହି ଠିଆ ହେଲେ । ଅବେଳାରେ ତାଙ୍କର ଆସିବା କାରଣ ବାବା ପଚାରିଲେ । ବାବୁ କହିଲେ, "ଆଗାମି ନିର୍ବାଚନରେ ମୁଁ ସରପଞ୍ଚ ପାଇଁ ଠିଆ ହେବାକୁ ସ୍ଥିର କରିଛି । କାଲି ପ୍ରେସ ଇସ୍ତାହାର ବାହାରିଚି । ସରକାର ସରପଞ୍ଚ ନିର୍ବାଚନରେ ଦୁଇଲକ୍ଷ ଟଙ୍କା, ଦୁଇଟା ଚାରିଚକିଆ ଗାଡି, ପଞ୍ଚାଟି ଦୁଇ ଚକିଆ ଗାଡି ବ୍ୟବହାର



ପାଇଁ ଅନୁମତି ଦେଇଛନ୍ତି । ଆପଣ କିଛି ଆର୍ଥିକ ସାହାଯ୍ୟ ଓ ଆପଣଙ୍କ ଗାଡି ବ୍ୟବହାର ପାଇଁ ଦେଲେ, ମୁଁ ଆଗୁଆ ପ୍ରଚାର ଆରମ୍ଭ କରିଦିଅନ୍ତି ।"

ବାବା କିଛି ସମୟ ଭାବି କହିଲେ, "ମୋତେ ଆଶ୍ଚର୍ଯ ଲାଗୁଛି, ଆଜିକାଲି ଦୁଇ ତିନୋଟି ଗାଁ କୁ ନେଇ ପଞ୍ଚାୟତ ହୋଇ ଗଲାଣି । ସମସ୍ତେ ଜଣା ଶୁଣା ଲୋକ । ପାଦରେ ଚାଲିଲେ ମଧ୍ୟ,ଦିନକରେ ଜଣେ ସବୁ ଗାଁ ବୁଲିପାରିବ । ବ୍ୟକ୍ତିଗତ ସଂପର୍କ ରଖି ପାରିବ । ତାଛଡା ସମସ୍ତଙ୍କ ଘରେ ଟିଭି । ସହଜରେ ନିଜ ବକ୍ତବ୍ୟ ଭୋଟରଙ୍କ ପାଖରେ ପହଞ୍ଚିବ । ସେଭଳି କ୍ଷେତ୍ର ରେ ଟଙ୍କା ଖର୍ଚ୍ଚ ବଢାଇବାର ଆବଶ୍ୟକତା କଣ? ବରଂ ସମୟ ଆସିଛି, ବିନା ଟଙ୍କାରେ କିଭଳି ନିର୍ବାଚନ ହୋଇପାରିବ, ସେ ଦିଗରେ ଧ୍ୟାନ ଦେବା ଦରକାର। ଗାଡି ଘୋଡା, ଶହେ ଚାମଚା ଧରି, ପରିବେଶ ପ୍ରଦୂଷଣ କରିବା କଣ ଦରକାର? ମୂଲ୍ୟବାନ ତେଲର ଅପବ୍ୟବହାର ହୁଏତ ଦିନେ ଆମକୁ ମହଙ୍ଗା ପଡିପାରେ । ଦିଲ୍ଲୀ ପ୍ରଦୁଷଣ ଆମ ଆଖି ଖୋଲିବା ଦରକାର ।

ସମସ୍ତେ ଜାଣନ୍ତି, ନିର୍ବାଚନ ହିଁ ଦେଶରେ ବଢୁଥିବା ଦୁର୍ନିତିର ମୂଳ କାରଣ । ଯାହା ଖର୍ଚ୍ଚ ହୁଏ, ତାହାର ଦଶ ଗୁଣ ଆଦାୟ ପାଇଁ ଜିତିଲା ପରେ ପ୍ରାର୍ଥି ଲାଗିପଡେ ଏବଂ ତାର ଦୁର୍ନୀତିକୁ ଯଥାର୍ଥ ବୋଲି ମନକୁ ବୁଝାଏ । ନିକଟରେ ରାଜ୍ୟରେ ଅଭୟ ପାଠକ, ବିରଂଚି ବାବୁ, ପ୍ରତାପ ସାମଲ, ପୁଲିସ କନେଷ୍ଟବଲମାନଙ୍କ ଭଳି ବ୍ୟକ୍ତି ମାନଙ୍କ ଠାରୁ ଯେଉଁ ବିଶାଳ ଦୁର୍ନିତିର ସୁଚନା ମିଳିଛି, ତାହା ରାଜନୈତିକ ସୁରକ୍ଷା ବିନା ସମ୍ଭବ ନୁହେଁ, ଏହା ସମସ୍ତେ ଜାଣନ୍ତି । ତଥାପି ବିଲେଇ ଭଳି ଆଖିବୁଜି ଖିର ପିଉଛନ୍ତି । ସାମାଜିକ ଶୃଂଖଳା ସମ୍ପୁର୍ଣ୍ଣ ଭାଙ୍ଗି ପଡିଲାଣି । ଦଳେ ଲୋକଙ୍କ ପାଖରେ ଅସତ ଅର୍ଥର କୁବେର ଭଣ୍ଡାର ଠୁଳ ହେଲାଣି । ସ୍ୱାଧିନତା ପରେ ସମାଜବାଦର ସ୍ୱପ୍ନ, ଜମି ସିଲିଂ ନିୟମ ସବୁ ଧୂଆଁ ହୋଇ ମିଳେଇ ଗଲାଣି । ଗରୀବଙ୍କର ଜମିମାନ ସବୁ ଧିରେ ଧିରେ ସାହୁକାରଙ୍କ ହାତକୁ ଚାଲିଗଲାଣି । ଅଧିକାଂଶ ଲୋକ ଭୂମିହୀନ ଉପାର୍ଜନ ହୀନ ହୋଇ ସରକାରଙ୍କ ମାଗଣା ଚାଉଳ ଉପରେ ନିର୍ଭରଶୀଳ ହୋଇ ପଡିଛନ୍ତ । ପିଲାର ଭବିଷ୍ୟତ ସେହି ଭତ୍ତା ଓ ମାଗଣା ସହାୟତା ଉପରେ ସିମାବଦ୍ଧ ହୋଇଗଲାଣି । କାମ କରିବାକୁ ଆଉକେହି ଚାହୁଁ ନାହାଁନ୍ତି । ତା'ଛଡା ନିର୍ବାଚନରେ ଅର୍ଥର ବ୍ୟବସ୍ଥା କରାଗଲେ, ଯେଉଁମାନଙ୍କ ପାଖରେ ଅସତ୍ ଅର୍ଥ ଅଛି, ସେମାନେ କେବଳ ଏହି ଜୁଆଖେଳରେ ଅଂଶ ଗ୍ରହଣ କରିବେ । କେହି ନିଜର ସତ୍ ଅର୍ଜିତ ଧନ ଏଥିରେ ବାଜି ଲଗାଇବାକୁ ଚାହିଁବେ ନାହିଁ । ତା'ଛଡା ଯେଉଁମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ, ଅର୍ଥ ବ୍ୟବସ୍ଥା ସେମାନଙ୍କୁ ପ୍ରକାରାନ୍ତରେ ଏଥିରୁ ବଞ୍ଚିତ କରୁଛି । ଗଣତନ୍ତ୍ରର ମୂଳ ଲକ୍ଷ୍ୟ ବିଚ୍ୟୁତ ହୋଇଛି । ତେଣୁ ତୁମେ ଯଦି ନିର୍ବାଚନରେ ଭାଗ ନେବ ପାଦରେ ଚାଲି ଚାଲି ପ୍ରଚାର କର । ପୁଣି ଗାନ୍ଧୀ ଯୁଗକୁ ଫେରିଯାଅ । ଚିହ୍ନା ବ୍ରାହ୍ମଣର ପଇତା ଦରକାର ନାହିଁ । ବରଂ ଯେଉଁ ଦିନ ଅର୍ଥମୁକ୍ତ ନିର୍ବାଚନ ହେବ ସେଦିନ, ଆମ ଗଣତନ୍ତ୍ର ସ୍ୱାର୍ଥକ ହେଲା ବୋଲି ଆମେ ମନେକରିବା । ମୋର ଆଶୀର୍ବାଦ ତୁମ ପଛରେ ଅଛି । ବିଜୟୀ ଭବଃ "କହି ବାବା ବାବୁଙ୍କୁ ବିଦାୟ ଦେଲେ ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮

## ଆଜିର ଅନୁଚିନ୍ତା

**ଭିତରେ କୁଟିଳତା ଭରି, ବାହାରକୁ ସରଳ ବୋଲି ଯେତେ ଦେଖାଇହେଲେ ମଧ କେତେବେଳେ ହେଲେ ଧରାପଡ଼ିଯିବାର ଆଶଙ୍କା ଥାଏ ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଭାରତୀୟ 'ସ୍ୱ'ର ଅଭିବ୍ୟକ୍ତି

••••••ଅଧ୍ୟାପକ ଗୋପାଳପ୍ରସାଦ ମହାପାତ୍ର••••••

କଂଗ୍ରେସର ଅସହଯୋଗ ଆନ୍ଦୋଳନ ଇତ୍ୟାଦି ଚାଲି ରହିବା ସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ଆଜାଦ ହିନ୍ଦ୍ ଫୌଜ ମାଧ୍ୟମରେ ଦିଲ୍ଲୀ ଚଲୋର ଆହ୍ୱାନ ସହ ଭାରତ ବାହାରୁ ଆକ୍ରମଣ ମଧ୍ୟ ହେଲା । କବି, ଲେଖକ, ସାହିତ୍ୟିକ, ବ୍ୟବସାୟୀ, ସନ୍ନ୍ୟାସୀ, ବାନରସେନା ଭାବରେ ବିଦ୍ୟାଳୟ ଛାତ୍ର, ଯୁବକ ଏହିପରି ପ୍ରତ୍ୟେକ ସ୍ତରରେ ଇଂରେଜ ବିରୋଧୀ ସ୍ୱର ଉତ୍ତୋଳନ ହେଲା । ଏଭଳି ସାମଗ୍ରିକ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସଂଗ୍ରାମ କାରଣରୁ ଇଂରେଜମାନେ ଭାରତ ଛାଡ଼ିବାକୁ ବାଧ୍ୟ ହେଲେ । ଭାରତ ବାହାରେ ଥାଇ ବିନାୟକ ଦାମୋଦର ସାବରକର କ୍ରାନ୍ତିକାରୀଙ୍କୁ ସଞ୍ଚାଳନ କରୁଥିଲେ । ଶ୍ୟାମଜୀ କୃଷ୍ଣ ବର୍ମା ଇତ୍ୟାଦି ଭାରତ ବାହାରେ ବିଦେଶରେ ଗଦ୍ଦର ପାର୍ଟିର ନିର୍ମାଣକରି ସଂଗ୍ରାମର ସଞ୍ଚାଳନ କଲେ । ରାମ ସିଂହ କୂକା କୂକାମାନଙ୍କର ଆନ୍ଦୋଳନକୁ ଠିଆ କରାଇଲେ । ଏସବୁର ପରିଣତି ସ୍ୱରୂପ ଭାରତବର୍ଷ ଇଂରେଜଙ୍କ କବଳରୁ ମୁକ୍ତ ହେଲା । କେବଳ ମାତ୍ର କଂଗ୍ରେସ କାରଣରୁ ସ୍ୱାଧୀନତା ମିଳିବାର ଧାରଣାଟି ସଂପୂର୍ଣ୍ଣ ଭ୍ରମାତ୍ମକ । ଆମକୁ ଭୋକ ଲାଗିଲାବେଳେ ଖାଉଛେ । ୮ବା ୧୦ଟି ଭାତଗୁଣ୍ଡା ଖାଇବା ପରେ ପେଟ ପୂରି ଯାଉଛି । ତାର ଅର୍ଥ ନୁହେଁ ଯେ ୧୦ମ ଗୁଣ୍ଡାଟି ପେଟ ପୂରାଇଲା । ପେଟ ପୂରିବା ପାଇଁ ପୂର୍ବବର୍ତ୍ତୀ ୯ଟି ଗୁଣ୍ଡାର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ତେଣୁ ଭାରତବର୍ଷର ସ୍ୱାତନ୍ତ୍ର୍ୟ ସଂଗ୍ରାମ ସାମଗ୍ରିକ, ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ରାଷ୍ଟ୍ରବ୍ୟାପୀ ସଂଗ୍ରାମ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ ମାତ୍ର କଂଗ୍ରେସ କାରଣରୁ ସ୍ୱାଧୀନତା ପ୍ରାପ୍ତିର ଉକ୍ତି ଏକ ବୃଥା ଆସ୍ଫାଳନ ମାତ୍ର ।

ଉପରୋକ୍ତ ତଥ୍ୟାବଳୀର ଆଧାରରେ ଏହା ସହଜାନୁମେୟ ଯେ ଭାରତର ସ୍ୱାତନ୍ତ୍ର୍ୟ ସଂଗ୍ରାମ ଏକ ସୁଦୀର୍ଘ କାଳଖଣ୍ଡର ସଂଗ୍ରାମ । ବିଦେଶୀ ଆକ୍ରାମକମାନଙ୍କ ବିରୋଧରେ ସଂଗ୍ରାମର ବିଚାର କଲେ ଖ୍ରୀ.ପୂ. ୩୨୬ରୁ ଏହି ସଂଗ୍ରାମ ଆରମ୍ଭ । ୟୁରୋପୀୟ ଆକ୍ରାମକମାନଙ୍କ ବିରୋଧରେ ସଂଗ୍ରାମର ବିଚାରକଲେ ୧୪୯୮ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ଓ ଯଦି କେବଳ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମର ବିଚାର କରାଯାଏ, ତେବେ ତାହା ମଧ୍ୟ ୧୭୫୦ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଛି । ଅର୍ଥାତ୍ ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ ମଧ୍ୟ ପ୍ରାୟତଃ ୨୦୦ ବର୍ଷର ସଂଗ୍ରାମର କାଳଖଣ୍ଡ । ଏତେ ଲମ୍ବା ସମୟ ଧରି ସଂଘର୍ଷ ଜାରି ରଖି ରାଷ୍ଟ୍ରକୁ ବିଦେଶୀ ମାନଙ୍କ କବଳରୁ ମୁକ୍ତକରିବା କିଛି ଛୋଟ କଥା ନୁହେଁ ଏବଂ ଏହି ସୁଦୀର୍ଘ ସଂଗ୍ରାମ ଯାହା ଚାଲିଲା ତାହା ଥିଲା 'ସ୍ୱ'ର ସଂଗ୍ରାମ । ସ୍ୱାଭିମାନର ସଂଗ୍ରାମ । ଯେଉଁଭଳି ଜଣେ ବ୍ୟକ୍ତି ନିଜର 'ସ୍ୱ'ର ଆଧାରରେ ସ୍ୱାଭିମାନର ସହ ବଞ୍ଚିରହେ ସେଭଳି ପ୍ରତ୍ୟେକ ରାଷ୍ଟ୍ର ମଧ୍ୟ 'ସ୍ୱ'ର ଆଧାରରେ ସ୍ୱାଭିମାନର ସହ ବଞ୍ଚି ରହିବା ଦରକାର । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ପ୍ରତ୍ୟେକ ରାଷ୍ଟ୍ରର ଗୋଟିଏ ଆତ୍ମା ଅଛି, ଯାହା କାରଣରୁ ସେ ବଞ୍ଚି ରହିଛି । ପ୍ରତ୍ୟେକ ରାଷ୍ଟ୍ରର ଗୋଟିଏ ନିୟତି ଅଛି, ଯାହାକୁ ସେ ଜିଇଥାଏ, ପ୍ରତ୍ୟେକ ରାଷ୍ଟ୍ରର ଗୋଟିଏ ସ୍ୱଭାବ ଅଛି, ଯାହା ଦ୍ୱାରା ସେ ନିଜର ବ୍ୟବହାର ପ୍ରଦର୍ଶନ କରିଥାଏ ଓ ପ୍ରତ୍ୟେକ ରାଷ୍ଟ୍ରର ଗୋଟିଏ ବୈଶ୍ୱିକ ଲକ୍ଷ୍ୟ ଅଛି ଯାହାକୁ ସେହି ରାଷ୍ଟ୍ର ପୂର୍ତ୍ତି କରିବାର ପ୍ରଚେଷ୍ଟା କରିଥାଏ ଏବଂ ଏହି ଚାରିଟିଯାକ ବିଷୟକୁ ସୂକ୍ଷ୍ମତାର ସହ ବିଚାର କଲେ କେବଳ ଗୋଟିଏ ବିଷୟ ପରିଲକ୍ଷିତ ହେବ ଯାହାକି ରାଷ୍ଟ୍ରର ଆତ୍ମା । କାରଣ ପରବର୍ତ୍ତୀ ୩ଟି ଯାକ ବିଷୟ ଆତ୍ମାନୁସାରୀ ଅଟେ ଏବଂ ଏହି ରାଷ୍ଟ୍ରର ଆତ୍ମା ହେଉଛି ରାଷ୍ଟ୍ରର 'ସ୍ୱ' । ତେବେ ଭାରତର ଆତ୍ମା କ'ଣ? ସ୍ୱାମୀ ବିବେକାନନ୍ଦ ଭାରତକୁ ଏକ ଆଧ୍ୟାତ୍ମିକ ରାଷ୍ଟ୍ର ବୋଲି ଉଲ୍ଲେଖ କରିଛନ୍ତି । ଏହି ଆଧ୍ୟାତ୍ମିକ ରାଷ୍ଟ୍ରର ଆତ୍ମା ହେଉଛି ଅଧ୍ୟାତ୍ମ । ଏହି ଅଧ୍ୟାତ୍ମ ଓ ଆଧ୍ୟାତ୍ମିକତା କାରଣରୁ ଭାରତ ଅଦ୍ୟାବଧି ଜୀବିତ । ଅଧ୍ୟାତ୍ମ ହେଲା ଆତ୍ମାକୁ ଅଧିକୃତ କରି କରାଯାଉଥିବା ବିଚାର । ଅର୍ଥାତ୍ ଆତ୍ମା ପରମାତ୍ମାଙ୍କର ଅଂଶବିଶେଷ ଓ ପ୍ରତ୍ୟେକ ସ୍ଥାନରେ ପରମାତ୍ମାଙ୍କର ଅଂଶ ବିଶେଷ ଜଡ଼ ବା ଚେତନ ରୂପରେ ବିଦ୍ୟମାନ । ତେଣୁ ସମସ୍ତଙ୍କର ପାରସ୍ପରିକ ସମ୍ପର୍କ ରହିଛି ଓ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହ ଅଙ୍ଗାଙ୍ଗି ଭାବରେ ଜଡ଼ିତ । ତେଣୁ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହ ଉତ୍ତମ ସମନ୍ୱୟ ସ୍ଥାପନ ପୂର୍ବକ ପାରସ୍ପରିକତାର ଆଧାରରେ ପ୍ରତ୍ୟେକଙ୍କର ସମ୍ମାନକୁ ଓ ଅସ୍ତିତ୍ୱକୁ ଅକ୍ଷୁଣ୍ଣ ରଖି ମିଳିମିଶି ଚଳିବା ଆବଶ୍ୟକ । ଭାରତବର୍ଷ ଏହି ବୈଚାରିକ ତତ୍ତ୍ୱର ଆଧାରରେ ଯୁଗଯୁଗରୁ ନିଜର ଅସ୍ତିତ୍ୱ ବଜାୟ ରଖିଛି । ତଦନୁସାରେ ପ୍ରତ୍ୟେକଙ୍କର ସ୍ୱାତନ୍ତ୍ର୍ୟ ପ୍ରତ୍ୟେକ ବିଷୟରେ ରହିଛି । କେହି କାହାର ସ୍ୱାତନ୍ତ୍ର୍ୟକୁ ବ୍ୟାହତ କରିବା ଉଚିତ ନୁହେଁ । ସେହି ଅନୁସାରେ ଆତ୍ମାନୁମୋଦିତ ସମନ୍ୱୟାତ୍ମକ ପାରସ୍ପରିକ ବ୍ୟବହାର ଭାରତରେ ଧର୍ମ ନାମରେ ନାମିତ ହେଲା ଓ ଧର୍ମାନୁମୋଦିତ ଉତ୍କୃଷ୍ଟ ବ୍ୟାବହାରିକ କୃତି ବା ଜୀବନମୂଲ୍ୟ ସଂସ୍କୃତି ନାମରେ ନାମିତ ହେଲା । ଏହି ଅଧ୍ୟାତ୍ମ ପ୍ରେରିତ ଧର୍ମ ଓ ସଂସ୍କୃତି ହେଉଛି ବିଶ୍ୱ କଲ୍ୟାଣର ମାର୍ଗ । ଏହାହିଁ ଭାରତରେ 'ସ୍ୱ' । ଏହି 'ସ୍ୱ' କାରଣରୁ ହିଁ ଭାରତର ଅସ୍ତିତ୍ୱ ।



ତେଣୁ ଯେତେବେଳେ ଯେବେବେଳେ ଏହି 'ସ୍ୱ'କୁ ନଷ୍ଟ କରିବାର ପ୍ରୟାସ ହୋଇଛି ସେତେବେଳେ ସ୍ୱୟଂ ଭଗବାନଙ୍କ ଦ୍ୱାରା ଅବତାରୀ ପୁରୁଷ ଭାବରେ ଅଥବା ମହାପୁରୁଷମାନଙ୍କ ମାଧ୍ୟମରେ ଏହି 'ସ୍ୱ'ର ସଂରକ୍ଷଣ ପୂର୍ବକ 'ସ୍ୱ' ଅନୁମୋଦିତ ଜୀବନଶୈଳୀର ପୁନଃପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା କରାଯାଇଛି । ବୈଦିକ କାଳରୁ ଅଦ୍ୟାବଧି ଏହି କ୍ରମ ହିଁ ଚାଲି ଆସିଛି । ଆତ୍ମାର ବିସ୍ତାର ଘଟିଲେ ତାହା ଆତ୍ମୀୟତାରେ ପରିଣତ ହୁଏ । ବ୍ୟକ୍ତିଠାରୁ ପରିବାର ପର୍ଯ୍ୟନ୍ତ ଆତ୍ମାର ବିସ୍ତାର ହେଲେ ପାରିବାରିକ ଭାବ ଓ ରାଷ୍ଟ୍ର ପର୍ଯ୍ୟନ୍ତ ଆତ୍ମାର ବିସ୍ତାର ହେଲେ ତାହାର ରାଷ୍ଟ୍ରୀୟତା ବା ରାଷ୍ଟ୍ରଭକ୍ତିର ସ୍ୱରୂପକୁ ଗ୍ରହଣ କରେ । ବିଶ୍ୱ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଲେ ତାହା ବିଶ୍ୱଭ୍ରାତୃତ୍ୱ ବୋଧ ବା ବସୁଧୈବ କୁଟୁମ୍ବକମ୍‌ର ସ୍ୱରୂପକୁ ଗ୍ରହଣ କରିଥାଏ । ଏହା ହେଉଛି ଆଧ୍ୟାତ୍ମିକତା ଓ ଏହି ଆଧ୍ୟାତ୍ମିକତାର ବିଚାରରେ ପ୍ରେରିତ ଭାରତବର୍ଷ ହେଉଛି ଆଧ୍ୟାତ୍ମିକ ରାଷ୍ଟ୍ର । ତେଣୁ ଅଧ୍ୟାତ୍ମ ହେଲା ତାର 'ସ୍ୱ' । କାଳେ କାଳେ ଏହି 'ସ୍ୱ'ର ସଂରକ୍ଷଣ ଓ ପୁନଃ ପ୍ରତିଷ୍ଠା ହୋଇ ଆସିଛି । ଗ୍ରୀକ୍‌ମାନଙ୍କର ଆକ୍ରମଣକାଳରେ ଚାଣକ୍ୟ ଏହି 'ସ୍ୱ'ର ଜାଗରଣ କରିଥିଲେ ଏବଂ 'ସ୍ୱ'ର ଅଭିବ୍ୟକ୍ତି ମଧ୍ୟ ଦେଖିବାକୁ ମିଳିଥିଲା । ଫଳତଃ ଗ୍ରୀକ୍‌ମାନେ ବିତାଡ଼ିତ ହୋଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ମୁସଲମାନମାନଙ୍କର ଆକ୍ରମଣ ଓ ସାମ୍ରାଜ୍ୟ ବିସ୍ତାରର କାଳଖଣ୍ଡରେ ସଂଘଟିତ ଭକ୍ତି ଆନ୍ଦୋଳନ; ଯାହାକି ପୂର୍ବ ବର୍ଣ୍ଣିତ ସନ୍ଥ ଜ୍ଞାନେଶ୍ୱର ପ୍ରମୁଖଙ୍କ ଠାରୁ ଆରମ୍ଭ କରି ସନ୍ଥ ନାମଦେବ ଆଦିଙ୍କ ପର୍ଯ୍ୟନ୍ତ ତଥା ଆହୁରି ଅନେକ ଭକ୍ତିମାର୍ଗୀଙ୍କ ମାଧ୍ୟମରେ ଏହି 'ସ୍ୱ'ର ଜାଗରଣର ପ୍ରଚେଷ୍ଟା ହୋଇଛି । ଏ ଦୃଷ୍ଟିରୁ ଓଡ଼ିଶାର ଭକ୍ତି ଯୁଗର ପଞ୍ଚସଖାଙ୍କର ନାମ ମଧ୍ୟ ଉଲ୍ଲେଖନୀୟ । ତତ୍କାଳୀନ ବୀର ଯୋଦ୍ଧାମାନେ ମଧ୍ୟ ଏହି 'ସ୍ୱ'ର ଜାଗରଣକରି ରାଷ୍ଟ୍ର ରକ୍ଷାର ପ୍ରଚେଷ୍ଟା କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଆମେ ଅନୁଭବ କରିଛେ ଯେ ବିଦେଶୀ ଆକ୍ରମଣକାରୀମାନେ ଯେତେବେଳେ ଆସି ଆମର ଧର୍ମ, ସଂସ୍କୃତି ଓ ଜୀବନଶୈଳୀକୁ ନଷ୍ଟଭ୍ରଷ୍ଟ କରିବାର ପ୍ରୟାସ କରିଛନ୍ତି, ସେତେବେଳେ କେହି ନା କେହି ଏହି 'ସ୍ୱ'ର ଜାଗରଣ ପାଇଁ ଆଗକୁ ଆସିଛନ୍ତି । ଜଣେ ଅନ୍ୟକୁ ଆକ୍ରମଣ କରି ନିଜର ଅଧୀନସ୍ଥ କରିବାକୁ ଚାହୁଁଛି ଅର୍ଥ ତାର 'ସ୍ୱ'ର ଉପରେ ଆକ୍ରମଣ କରୁଛି, ଯାହାକି ଅନୁଚିତ । ସେହିପରି ଗୋଟିଏ ରାଷ୍ଟ୍ର ମଧ୍ୟ ଅନ୍ୟ ରାଷ୍ଟ୍ର ଉପରେ ଆକ୍ରମଣ କରୁଛି, ମାନେ ତାର 'ସ୍ୱ' ଉପରେ ଆକ୍ରମଣ କରୁଛି; ଯାହାକି ଅନୁଚିତ । ତେଣୁ ଭାରତର ଏହି ସ୍ୱତନ୍ତ୍ରତାର କାଳଖଣ୍ଡରେ ସଂଘଟିତ ସଂଘର୍ଷ ହେଉଛି ଆମର 'ସ୍ୱ'ର ଜାଗରଣ ଓ 'ସ୍ୱ'ର ଅଭିବ୍ୟକ୍ତି; କାରଣ ଯାହାଦ୍ୱାରା ଆମର ଧର୍ମ, ସଂସ୍କୃତି ଓ ଜୀବନଶୈଳୀକୁ ବିଲୁପ୍ତ କରିବାର ପ୍ରଚେଷ୍ଟା କରାଯାଇଥିଲା; ଯାହାକି ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ତେଣୁ ରାଷ୍ଟ୍ର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକ ସ୍ତରରେ ଏହାର ପ୍ରତିବାଦର ସ୍ୱର ଉଠିଥିଲା । ୧୮୫୭ର ସଂଗ୍ରାମ ହେଉ ବା ତାର ପରବର୍ତ୍ତୀ ପର୍ଯ୍ୟାୟର ସଂଗ୍ରାମ ହେଉ, ସେତେବେଳେ ସମସ୍ୱରରେ ଓ ସମତାଳରେ ସମସ୍ତେ ଏହି 'ସ୍ୱ'ର ଜାଗରଣ ହିଁ କରିଥିଲେ । ରାଜ୍ୟର ଉତ୍ତରାଧିକାରୀ କିଏ ହେବ ସେକଥା କ'ଣ ଇଂରେଜମାନେ ସ୍ଥିର କରିବେ? ଭାରତବର୍ଷର ଲୋକେ କ'ଣ କରିବେ ତାହା କ'ଣ ଇଂରେଜମାନେ ସ୍ଥିର କରିବେ? ଏଥିପାଇଁ ହିଁ ପ୍ରତ୍ୟେକ ସ୍ତରରେ 'ସ୍ୱ'ର ଜାଗରଣର ପର୍ବ ଆରମ୍ଭ ହୋଇଥିଲା । ସନ୍ନ୍ୟାସୀମାନଙ୍କର ଆନ୍ଦୋଳନ ଏହି 'ସ୍ୱ'ର ଜାଗରଣ ପାଇଁ ହିଁ ଥିଲା । ଯୋଗୀ ଅରବିନ୍ଦ, ବାଳ ଗଙ୍ଗାଧର ତିଳକ ଇତ୍ୟାଦି ଶିବାଜୀ ଉତ୍ସବ ଓ ଗଣେଶ ଉତ୍ସବ ମାଧ୍ୟମରେ ଏହି 'ସ୍ୱ'ର ଜାଗରଣ ହିଁ କରିଥିଲେ । ସ୍ୱଦେଶୀ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଅସହଯୋଗ ଆନ୍ଦୋଳନ ଇତ୍ୟାଦି ମଧ୍ୟ ଏହି 'ସ୍ୱ'ର ଜାଗରଣର ପର୍ବ ଥିଲା । ବଙ୍ଗ-ଭଙ୍ଗ ଆନ୍ଦୋଳନ ସମୟରେ ରବୀନ୍ଦ୍ରନାଥ ଠାକୁର ରକ୍ଷାବନ୍ଧନ ଉତ୍ସବରେ ଗଙ୍ଗା ସ୍ନାନ କରି ଗଙ୍ଗା କୂଳେ କୂଳେ ସମସ୍ତଙ୍କ ହାତରେ ରାଖି ବାନ୍ଧି ଏହି 'ସ୍ୱ'ର ଜାଗରଣର ପ୍ରଚେଷ୍ଟା କରିଥିଲେ । କ୍ରାନ୍ତିକାରୀମାନଙ୍କର ଆନ୍ଦୋଳନ ଓ ହସି ହସି ଫାଶୀଖୁଣ୍ଟରେ ଝୁଲିବା ଏହି 'ସ୍ୱ'ର ଜାଗରଣ ପାଇଁ ହିଁ ଉଦ୍ଦିଷ୍ଟ ଥିଲା । ସ୍ୱାମୀ ବିବେକାନନ୍ଦଙ୍କର ୫୦ ବର୍ଷ ପର୍ଯ୍ୟନ୍ତ ଭାରତଭକ୍ତିର ମହାଜାଗରଣ ପାଇଁ ଭାରତରମାତାର ପୂଜନର ଆହ୍ୱାନ ମଧ୍ୟ ଏହି 'ସ୍ୱ'ର ଜାଗରଣ ପାଇଁ ଉଦ୍ଦିଷ୍ଟ ଥିଲା । ସେଥିପାଇଁ ସୁବୋଧ ଚନ୍ଦ୍ର ସେନ୍‌ଗୁପ୍ତ ୧୯୧୪ରେ ପ୍ରକାଶିତ ତାଙ୍କର ''ସ୍ୱାମୀ ବିବେକାନନ୍ଦ ଆଣ୍ଡ୍ ନେସନାଲିଜିମ୍'' ପୁସ୍ତକରେ ଚାର୍ଲସ ଟେଗାର୍ଟଙ୍କର ଉକ୍ତିକୁ ଉଲ୍ଲେଖ କରି କହିଛନ୍ତି ଯେ 'ଭାରତରେ ଦେଶଭକ୍ତିର ତୀବ୍ରତାର କାରଣ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ ।' ସ୍ୱାମୀଜୀଙ୍କ ପରେ ଭଗିନୀ ନିବେଦିତା ମଧ୍ୟ ଏହି 'ସ୍ୱ'ର ଜାଗରଣ କାର୍ଯ୍ୟ ହିଁ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଡକ୍ଟର କେଶବ ବଳିରାମ ହେଡଗେୱାର ମଧ୍ୟ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ଥାପନା ପୂର୍ବକ ଭାରତର ଏହି 'ସ୍ୱ'କୁ ଜାଗ୍ରତ କରିବାର କାର୍ଯ୍ୟଧାରାକୁ ଆଗକୁ ବଢ଼ାଇଛନ୍ତି ।

ସାମଗ୍ରିକ ଭାବରେ ବିଚାର କଲେ ଏହି ନିଷ୍କର୍ଷରେ ଉପନୀତ ହେବା ଯେ କୌଣସି ରାଷ୍ଟ୍ର ତା'ର 'ସ୍ୱ'ର ଆଧାରରେ ବଞ୍ଚିରହେ ଓ ଏହି 'ସ୍ୱ' ଉପରେ ଯେତେବେଳେ ଆଘାତ ହୁଏ ସେ ତାର ପ୍ରତିକ୍ରିୟା ପ୍ରକାଶ କରିଥାଏ । ତେଣୁ ଭାରତବର୍ଷ ଉପରେ ହୋଇଥିବା ବିବିଧ ଆକ୍ରମଣ ଭାରତର 'ସ୍ୱ'କୁ ନଷ୍ଟଭ୍ରଷ୍ଟ କରିବାର ଦୁଃସାହସିକ ଅପଚେଷ୍ଟା । ତେଣୁ ସେହି ଅପଚେଷ୍ଟାକୁ ପଣ୍ଡ କରି ଭାରତକୁ ଭାରତ ଭାବରେ ବିଶ୍ୱ ବକ୍ଷରେ ବିଶ୍ୱଗୁରୁ ରୂପରେ ପ୍ରତିଷ୍ଠିତ କରାଇବା ପାଇଁ ମହାପୁରୁଷମାନଙ୍କ ମାଧ୍ୟମରେ ଭାରତୀୟ ସମାଜ ଜୀବନରେ ଏହି 'ସ୍ୱ'ର ଜାଗରଣର ପ୍ରଚେଷ୍ଟା କରାଯାଇଛି ଏବଂ ଏହି 'ସ୍ୱ' ଅଭିବ୍ୟକ୍ତ ହୋଇଛି ସ୍ୱାତନ୍ତ୍ର୍ୟ ସଂଗ୍ରାମ ଭାବରେ । ତେଣୁ ପ୍ରକୃତ ଅର୍ଥରେ ଭାରତବର୍ଷର ସ୍ୱତନ୍ତ୍ରତା ସଂଗ୍ରାମର ଏହି ସୁଦୀର୍ଘ କାଳଖଣ୍ଡ ଥିଲା ଭାରତୀୟ 'ସ୍ୱ'ର ଅଭିବ୍ୟକ୍ତି; ଯାହାକି ଥିଲା ସାମଗ୍ରିକ, ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ । ସୁଦୀର୍ଘ ସ୍ୱତନ୍ତ୍ରତା ସଂଗ୍ରାମର ଏହି କାଳଖଣ୍ଡ ପ୍ରମାଣିତ କରିଦେଲା ଯେ ରାଷ୍ଟ୍ରୀୟ ସ୍ୱାଭିମାନର ପରିପ୍ରକାଶର ଏହି ଜାହ୍ନବୀଧାରା ଅପ୍ରତିହତା । ସେ ଦୃଷ୍ଟିରୁ ହିନ୍ଦୀଗୀତର ନିମ୍ନୋକ୍ତ ପଦଟି ଏଥିପାଇଁ ପ୍ରଯୁଜ୍ୟ- ***"କ୍ୟା ଇସ୍‌କୋ ରୋକ ସକେଙ୍ଗେ ମିଟନେୱ୍‌ଲେ ମିଟଯାଏଁ । କଙ୍କଡ଼ ପତ୍ଥର କି ହସ୍ତି କ୍ୟା ବାଧା ବନକର ଆଏଁ । ଢହଯାଏଁଗେ ଗିରିପର୍ବତ କାମ୍ପେ ଭୂମଣ୍ଡଳ ସାରା । ୟହ ପୁଣ୍ୟ ପ୍ରବାହ ହମାରା ।"***

ତେଣୁ ସ୍ୱାଧୀନତାର ଏହି ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ରକୃତ ଇତିହାସର ଅଧ୍ୟୟନ ଓ ଅନୁଶୀଳନ ପୂର୍ବକ ଭାରତୀୟ ସ୍ୱାଭିବ୍ୟକ୍ତିର ଏହି ଅବ୍ୟାହତ ଧାରାକୁ ଅକ୍ଷୁଣ୍ଣ ରଖିବା ସହ ଅଧିକ ଗତିଶୀଳ କରିବାର ପ୍ରଚେଷ୍ଟା ହିଁ ଆଜିର ଆହ୍ୱାନ ।

*-ପ୍ରାକ୍ତନ ଅଧ୍ୟାପକ, ସଂସ୍କୃତ ବିଭାଗ, ଭୁବନେଶ୍ୱର, ଫୋନ୍-୯୪୩୭୨୮୫୫୩୨*

# ରାମଗିରି ଶକ୍ତିପୀଠ, ମଧ୍ୟପ୍ରଦେଶ



ରାମଗିରି ଶକ୍ତିପୀଠ ହିନ୍ଦୁମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳୀ ଭାବେ ପରିଚିତ। ଏହି ଶକ୍ତିପୀଠରେ ମାତା ସତୀଙ୍କ ଡ଼ାହାଣ ସ୍ତନ ଖଣ୍ଡ ପଡ଼ିଥିଲା। ଅବଶ୍ୟ ରାମଗିରି ଶକ୍ତିପୀଠକୁ ନେଇ ଆଜି ପର୍ଯ୍ୟନ୍ତ ମତଭେଦ ଲାଗି ରହିଛି। କେତେକ ଭକ୍ତ ଓ ଶ୍ରଦ୍ଧାଳୁ ଶାରଦା ଦେବୀ ମନ୍ଦିରକୁ ଶକ୍ତିପୀଠ ମାନୁଛନ୍ତ, ଯାହା ମଧ୍ୟପ୍ରଦେଶ ରାଜ୍ୟର ମୈହରରେ ଅବସ୍ଥିତ। ସେହିପରି ଆଉ କେତେକ ଭକ୍ତ ଓ ଶ୍ରଦ୍ଧାଳୁ ଶାରଦା ମନ୍ଦିରକୁ ଶକ୍ତିପୀଠ ଭାବେ ମାନୁଛନ୍ତି, ଯାହା ମଧ୍ୟପ୍ରଦେଶର ଚିତ୍ରକୁଟରେ ଅବସ୍ଥିତ। ଏହି ଦୁଇ ପ୍ରସିଦ୍ଧ ମନ୍ଦିର ହିଁ ମଧ୍ୟପ୍ରଦେଶରେ ଅବସ୍ଥିତ। ମାତ୍ର ଏହି ଦୁଇ ସ୍ଥାନ ମଧ୍ୟରୁ ବାସ୍ତବ ଶକ୍ତିପୀଠ କିଏ, ତାହା ଆଜି ପର୍ଯ୍ୟନ୍ତ କାହାକୁ ଜଣାନାହିଁ।



ଶାରଦା ଦେବୀ ମନ୍ଦିର ମଧ୍ୟପ୍ରଦେଶ ରାଜ୍ୟର ସତନା ଜିଲ୍ଲାର ମୈହର ସହରରେ ଅବସ୍ଥିତ। ପ୍ରାୟ ୬ ଶହ ଫୁଟ ଉଚ୍ଚ ତ୍ରିକୁଟା ପାହାଡ଼ ଉପରେ ଶାରଦୀୟ ମନ୍ଦିର ରହିଛି, ଯାହାର ଦେବୀ ହେଉଛନ୍ତି, ମା'ଶ୍ରଦ୍ଧେୟ ଦେବୀ। ଏହି ମନ୍ଦିର 'ମୈହରଦେବୀ ମାତା'ଙ୍କ ନାମରେ ମଧ୍ୟ ସୁପ୍ରସିଦ୍ଧ। ତେବେ ମାତା ସତୀଙ୍କ ଶକ୍ତିପୀଠମାନଙ୍କ ମଧ୍ୟରେ ଏହି ଶକ୍ତିପୀଠ ଅନ୍ୟତମ ଓ ଏହି ସ୍ଥାନରେ ମାତା ସତୀଙ୍କ ଡ଼ାହାଣ ସ୍ତନ ଖଣ୍ଡ ପଡ଼ିଥିଲା। ଏଠାରେ ଶକ୍ତିଙ୍କ ପୂଜା 'ଶିବାନୀ' ରୂପରେ କରାଯାଇଥାଏ ଓ ଭଗବାନ ଭୈରବ (ଯାହା ଭଗବାନ ଶିବଙ୍କ ଏକ ରୂପ)ଙ୍କୁ 'ଚଣ୍ଡ'ରୂପରେ ପୂଜା କରାଯାଏ।

ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତିପୀଠ, ୧୮ଟି ମହାଶକ୍ତିପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ତେବେ ଏହି ଶକ୍ତିପୀଠମାନଙ୍କ ମଧ୍ୟରେ "ରାମଗିରି ଶକ୍ତିପୀଠ" ଅନ୍ୟତମ। ଶକ୍ତିପୀଠଗୁଡ଼ିକର ସୃଷ୍ଟି ସଂପର୍କରେ ପୁରାଣବର୍ଣ୍ଣିତ ଏକ ଚମତ୍କପ୍ରଦ କାହାଣୀ ରହିଛି। ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଞ୍ଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱୟଂ ଦକ୍ଷରାଜ ନିଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ନିଜର ଆତ୍ମଦାହ କରିଦେଲେ।






ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମରଶରୀର ପାଖରେ ପହଞ୍ଚିଲେ ଓ ରାଗରେ ଜର୍ଜ୍ଜରିତ ହୋଇ ନିଜ ହାତରେ ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ। ଏହାର ସମାଧାନ ପାଇଁ ଦେବୀ ଦେବତାମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଏବେ ଭଗବାନ ବିଷ୍ଣୁ ଏହି ଧ୍ୱଂସରୁ ସାରା ବ୍ରହ୍ମାଣ୍ଡକୁ ରକ୍ଷାକରିବା ପାଇଁ ଉପାୟ ଖୋଜିଲେ।

ଶେଷରେ ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ମା'ସତୀଙ୍କର ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ।



ସେହିଦିନଠାରୁ ଭାରତୀୟ ଉପମହାଦେଶରେ ଶକ୍ତିପୀଠଗୁଡ଼ିକ ଅତ୍ୟନ୍ତ ପବିତ୍ର ତୀର୍ଥସ୍ଥାନ ଭାବେ ପରିଚିତ ହେଲେ। ରାମଗିରି ଶକ୍ତିପୀଠ, ଯାହା ଦୁଇ ସ୍ଥାନକୁ ବୁଝାଉଛି, ସେଠାରେ ମାତାଙ୍କ ସମସ୍ତ ପର୍ବପର୍ବାଣୀ ମହାସମାରୋହରେ ପାଳନ କରାଯାଏ।

ବିଶେଷତଃ ପବିତ୍ର ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ଅବସରରେ ମାତାଙ୍କର ବିଶେଷ ପୂଜାର ଆୟୋଜନ କରାଯାଇଥାଏ। ଏହି ଉତ୍ସବ ଉପଲକ୍ଷେ କେତେକ ଭକ୍ତ ଓ ଶ୍ରଦ୍ଧାଳୁ ଭଗବାନଙ୍କ ପ୍ରତି ସମ୍ମାନ ଓ ସମର୍ପଣ ସ୍ୱରୂପ ବ୍ରତ (ଉପବାସ) ରଖିଥା'ନ୍ତି। ଉତ୍ସବ ସମୟରେ ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସଜାଯାଇଥାଏ। ଶକ୍ତିପୀଠ ବା ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଶ୍ରଦ୍ଧାଳୁମାନଙ୍କ ମନ, ମସ୍ତିଷ୍କକୁ ଅପାର ଶାନ୍ତି ପ୍ରଦାନ କରିଥାଏ।

**ଶରତ କୁମାର ରାଉତ**
ଭୁବନେଶ୍ୱର, ମୋ: ୯୪୩୭୪୪୧୦୭୨




# ସରୋଜ ସ୍ମାରକୀ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ : ସାଇ କେନ୍ଦୁଝର ଦଳ ଚମ୍ପିୟାନ



କେନ୍ଦୁଝର,(ପି.ଏନ) : କେନ୍ଦୁଝର ସଦର ବ୍ଲକ ମଣ୍ଡୁଆ ଗ୍ରାମ ପଞ୍ଚାୟତର ଆଦର୍ଶ ଗ୍ରାମ ଘୁଟୁର ସ୍କୁଲ ପଡିଆ ଠାରେ ପ୍ରଥମ ବାର୍ଷିକ ଦିବାରାତ୍ର ସରୋଜ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ୨୦୨୧ ଉଦ୍‌ଯାପିତ ହୋଇଯାଇଛି। ବହୁ ତାରକା ଖଚିତ ଖେଳାଳୀ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ଚିତାକର୍ଷକ ଫାଇନାଲ ମ୍ୟାଚରେ ସାଇ କେନ୍ଦୁଝର ଦଳ ବନାମ ରାଇସୁଆଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୫ ସେଟ ବିଶିଷ୍ଟ ମ୍ୟାଚରେ ୩-୨ ସେଟରେ ସାଇ କେନ୍ଦୁଝର ଦଳ ରାଇସୁଆଁ ଦଳକୁ ହରାଇ ଚମ୍ପିୟାନ ହୋଇଥିଲା। ଦିବାରାତ୍ର ଭଲିବଲ ମ୍ୟାଚ୍‌ରେ ମୋଟ ୮ଟି ଅଂଶ ଗ୍ରହଣ କରିଥିଲେ। ଚମ୍ପିୟାନ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ ଦଳକୁ ୪ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ତୃତୀୟ ଦଳଭାବେ ସଦରପଡା ଦଳକୁ ୧୫୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପଞ୍ଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା, ମୁଖ୍ୟ ବକ୍ତାଭବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା, ସମ୍ମାନୀତ ଅତିଥିଭାବେ ମଣ୍ଡୁଆ ସରପଞ୍ଚ ଭାଗିରଥି ନାୟକ, ପିଏନବି ବ୍ୟାଙ୍କର ମ୍ୟାନେଜର ହେମନ୍ତ ସେଠୀ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭୋଳାନାଥ ବେହେରା ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଘୁଟୁର ଭଲିବଲ ଟୁର୍ଣ୍ଣମେଣ୍ଟ ପରିଚାଳନା କମିଟିର ସମ୍ପାଦକ ରାଜେନ୍ଦ୍ର ନାୟକ, ଅଧ୍ୟାପକ ଡକ୍ଟର ସୁମନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଅଇଁଠୁ ଚରଣ ସେଠୀ, କ୍ରିଷ୍ଣାଦେବ ସେଠୀ, ଉପଦେଷ୍ଟା ରମେଶ ସେଠୀ, ସତ୍ୟାନନ୍ଦ ରାଉଳ, ସଂଗ୍ରାମ ସେଠୀ, ଅନୀଲ ରାଉତ, ବିବେକ ରାଉତ, ପ୍ରଣୟ ପ୍ରତୀକ ସେଠୀ, ଯତିନ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।

## ବ୍ରଜବନ୍ଧୁ ମହାବିଦ୍ୟାଳୟରେ କବାଡି ଖେଳ ପ୍ରତିଯୋଗିତା

ହରିଚନ୍ଦନପୁର,(ପି.ଏନ) :ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବ୍ରଜବନ୍ଧୁ ମହାବିଦ୍ୟାଳୟ ଠାରେ ଆଜି କବାଡି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ କେନ୍ଦୁଝର ଜିଲ୍ଲା ୩୨ନଂ ଜୋନ୍ ଜିଲ୍ଲାପରିଷଦ ଅମର କୁଅଁର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୀୟ ପ୍ରସାଦ ମହାନ୍ତ, ଖେଳ ଶିକ୍ଷକ ପୁରୁଷୋତ୍ତମ ମହାନ୍ତ, ଅର୍ଥଶାସ୍ତ୍ର ବିଭାଗର ବରିଷ୍ଠ ଅଧ୍ୟାପକ ବସନ୍ତ ମହାପାତ୍ର, ଓଡିଆ ଅଧ୍ୟାପକ ଶିବଚରଣ ପାତ୍ର ପ୍ରମୁଖ କବାଡି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଖେଳରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଅଟୋନମସ କଲେଜ ବାରିପଦା ଦଳ ପ୍ରଥମ ସ୍ଥାନ ହୋଇଥିବା ବେଳେ ଅଙ୍ଗାରପଦା ପଂଚାୟତ କଲେଜ ମୟୁରଭଂଜ ରରୁଆଁ କବାଡି ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତା ଏବଂ ଉପବିଜେତା ପ୍ରତିଯୋଗିଙ୍କୁ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ଆନନ୍ଦପୁର:,(ପି.ଏନ) : ଆନନ୍ଦପୁର ଥାନା ଅନ୍ତର୍ଗତ ପଦ୍ମପୁର ନିକଟରେ ବୈତରଣୀ ନଦୀରୁ ବେଆଇନ୍ ଭାବେ ବାଲି ଚାଲାଣ ହେଉଥିବା ବେଳେ ଆନନ୍ଦପୁର ତହସିଲଦାର ତପନ କୁମାର ନାଏକଙ୍କ ଦ୍ୱାରା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯିବା ସହ ରୟାଲଟି ବାବଦକୁ ୧୫ହଜାର ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି ।

# ଅସୁମାରୀ ସ୍ୱପ୍ନର ରୂପକାର ...

ଚାଷୀ ଆମ ନିତିଦିନିଆ ଜୀବନର ଏକ ସାଥୀ। ଚାଷୀ ଆଉ ଚାଷ ବିଷୟରେ ଅନେକ କଥା ଆମେ ଶୁଣୁଛେ। ଅନେକ କଥା କହୁଛେ। କିଛି ଗୋଟେ ଦିବସ ହେଲେ ଚାଷୀମାନଙ୍କ ପାଇଁ ଅନେକ ଦରଦଭରା ସ୍ୱର ବାହାରେ। ଅନେକ ସାନ୍ତ୍ୱନା ବାହାରେ। ଅନେକ କିଛି କଥା ଲୋକଲୋଚନକୁ ଆସେ। କିନ୍ତୁ ବାସ୍ତବତାକୁ ଟିକେ ଯଦି ନିରିଖେଇ ଦେଖିବା ଏକଥାଟି ସମ୍ପୂର୍ଣ୍ଣ ଅଲଗା। ଆମେ ଖବରକାଗଜରେ ଚାଷୀଙ୍କ ବିଷୟରେ ପୁଳାପୁଳା କଥା ଲେଖୁଛେ। କିନ୍ତୁ କେହି କେବେଳ ସେ ଚାଷୀପାଖକୁ ଯାଇ ତା କଥା ବୁଝନ୍ତିନି। କିନ୍ତୁ ଚାଷୀର ମନୋଭାବ ପୁରା ଓଲଟା। ଆମେ ଯେତେ ତାର ପ୍ରଶଂସା କଲେ ବି ତା ମନରେ ଅହଂକାର କି ଗର୍ବ ଆସେନି। ସେ ସେଥିପାଇଁ ମୁକୁଟ ବିହୀନ ସମ୍ରାଟ ଭାବେ ଆମ ସମାଜରେ ଜଣା। ତା ପାଇଁ ଯେତେ କଥା ଲେଖିଲେ ବି କମ୍ ହେବ। ତା ପାଇଁ ଯେତେ ବକ୍ତବ୍ୟ ଦେଲେ ବି ଅଧୁରା ହୋଇଯିବ। ସେ ଅସୁମାରୀ ସ୍ୱପ୍ନର ରୂପକାର। ସ୍ୱପ୍ନ ରାଇଜର ବଣିକ। ଶୀର୍ଷକଟି ପଢ଼ିବା ମାତ୍ରେ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିବାଟା ସ୍ୱାଭାବିକ। ଏ ସ୍ୱପ୍ନ କ'ଣ , ଏ ସ୍ୱପ୍ନର ରୂପକାର କିଏ ? ଏମିତି ଅନେକ କିଛି। ହେଲେ ଏହାର ମର୍ମକୁ ବୁଝିଲେ ଆପଣ ବି ଏଇ କଥାକୁ ଦୋହରାଇବେ। ମଣିଷ ନିଜ ଜୀବନ ପରିଧି ଭିତରେ ଅନେକ ସ୍ୱପ୍ନ ଦେଖେ। ଅନେକ କିଛି କରିବାର ବିଶ୍ୱାସକୁ ନେଇ ବି କାର୍ଯ୍ୟ କରେ। କିନ୍ତୁ ସେସବୁ କେତେଦୂର ରୂପାୟନ ହୁଏ , ସେକଥା ହିଁ ସମୟ କହିବ। ତେବେ ଏହାରି ଭିତରେ ସ୍ୱପ୍ନ ଦେଖୁଥିବା ସେଇ ମୁହୂର୍ତ୍ତକୁ ବାସ୍ତବତାର ରୂପ ଦେବା ପାଇଁ କେଇ ଜଣ ମଣିଷ ଏବେ ବି ସଂଗ୍ରାମ କରୁଛନ୍ତି। ଆମେ ଖାଦ୍ୟ ଖାଉଛେ। କିନ୍ତୁ ଏ ଖାଦ୍ୟ ଖାଇବାର ସମ୍ଭାବନାକୁ ରୂପ ଦେଉଛି ଚାଷୀ। ତେବେ ଏ ହାକିମ , ବାବୁ କଥା ମୁଁ କହୁନି। ଚାଷୀର ଦରଦୀଭରା ସ୍ୱର ଇଏ। ପ୍ରକୃତ କଥାଟିକୁ ବୁଝିଲେ ଏହାର ଯଥାର୍ଥତାକୁ ଅବଲୋକନ କରିହେବ। ସତରେ ଚାଷୀଟିଏ ହିଁ ଏ ସମାଜର ପ୍ରମୁଖ ଅଙ୍ଗ। ତାରି ବିନା ଖାଦ୍ୟ ଏକ ସ୍ୱପ୍ନପ୍ରାୟ। ଯେବେ କୃଷି ସ୍ନାତକରେ କୃଷି ବିଜ୍ଞାନ ପଢ଼ା ଆରମ୍ଭ କରିଥିଲି , ଏ ଚାଷୀ ମାନଙ୍କ ସହ ମିଶିବାର ସୁଯୋଗ ମିଳିଥିଲା। ଆନକ ଗାଁ ଯାଇଛି। ଅନେକ ଚାଷୀମାନଙ୍କ ସହ ମିଶିଛି। ଆମେ ପାଠ ପଢୁଛୁ ସତ କିନ୍ତୁ ଆଜି ବି ସେମାନଙ୍କ ସହ ସାଥ ଦେଇ କାମ କରିବାଟା କାଠିକର ପାଠ। ସତରେ ଏ ସମାଜ ପାଇଁ ସାଧକ ହିଁ ଚାଷୀ। କୃଷି ବିଜ୍ଞାନ ପାଠ୍ୟକ୍ରମରେ ଚତୁର୍ଥ ବର୍ଷରେ ଗ୍ରାମଂଚଳ କୃଷି ଅଭିଜ୍ଞତା କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେବାର ସୁଯୋଗ ପାଇଥିଲି ସେବେ ବେଶ ପାଖରୁ ଚାଷୀମାନଙ୍କ ସହ ମିଶିବାର ସୁଯୋଗ ପାଇଥିଲି। ପ୍ରକୃତରେ କ୍ଷେତରେ ଚାଷ କରିବା ଆଉ ମଂଚ ଉପରେ ଚାଷୀ ବିଷୟରେ କହି ବାହା ବାହା ନେବା ଭିତରେ ଢ଼େର ଫରକ। ଆମେ କାଦୁଅ କ୍ଷେତରେ ଗୋଡ଼ ପଶେଇବାକୁ ଚାହୁଁନାହାନ୍ତି କିନ୍ତୁ ଚାଷୀ ବିଷୟରେ ଅନେକ କଥା କହି ପ୍ରଶଂସା ସାଉଁଟୁଛନ୍ତି। ଏହା ଦ୍ୱାରା



ଡ଼ି ଶୁଭମ୍

କ'ଣ ପ୍ରକୃତ କ୍ଷେତ୍ରରେ ଚାଷୀର ସମସ୍ୟାକୁ ଜାଣିହେବ? ନିଜେ ତୃଣମୂଳ ସ୍ତରରୁ ଚାଷୀଙ୍କ ସହ ମିଶିଲେ ହିଁ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ କରିହେବ। ଚାଷୀ କେବେ ସହାନୁଭୂତି ଲୋଡ଼େନି କି କାହାର ସାହାଯ୍ୟକୁ ଅପେକ୍ଷା କରେନି। ସେ ତ ନିଜ କର୍ମ କରିଚାଲେ।

ଗତବର୍ଷ ଫନୀର ପ୍ରକୋପ ହେଉ କି କରୋନାର କାୟା- ଅନେକ ସମୟରେ ଏହା ଚାଷୀ ଉପରେ ବାଧକ ଭାବେ ଉପନୀତ ହୋଇଥିଲେ ହେଁ ପୁଣି ଥରେ ଚାଷୀ ମୁଣ୍ଡ ଟେକି ଉଠିଛି। ପୁଣି ଥରେ କାନ୍ଧରେ ଲଙ୍ଗଳ ଧରି ମୁଣ୍ଡରେ ଗାମୁଛା ବାନ୍ଧି ସୁନା ଫଳେଇବା ଆଶାରେ ଜମିରେ କାମ କରିଚାଲିଛି। ଏ ତ ପାରିବାପଣିଆର ସଂଜ୍ଞାକୁ ବୁଝାଏ। ଚାଷୀ ପାଖରେ ଯାଇ ଦି ପଦ ସହାନୁଭୂତିର ପଦ କହିଦେଇଆସିଲେ ତା'ର ପେଟ ପୁରେ ନାହିଁ। ବରଂ ପ୍ରକୃତ ପକ୍ଷରେ ଚାଷୀ ସହ ଯୋଡ଼ିହୋଇ ତାଙ୍କର ସମସ୍ୟା ଉପରେ ଗୁରୁତ୍ୱ ଦେଇ କାମ କଲେ ହିଁ ଚାଷୀଟି ଖୁସି ହୁଏ।

ଏ ଶୀର୍ଷକଟି ଏଥିପାଇଁ ଦୋହରାଇବାକୁ ଚାହେଁ ଯେ ଆମେ କେବଳ ଭାଷଣବାଜି କି ଲେଖାଲେଖିରେ ଚାଷୀଙ୍କ କଥାକୁ ସମାପ୍ତ କରିଦେଲେ ହେବନି। ଚାଷୀଟିଏ କେବେ କୋଠାଘର ଲାଳସା ଦେଖେନି କି ପଲଉ ବିରିୟାନୀକୁ ଲୋଭ କରେନି। ପଖାଳ ଶାଗରେ ସେ ମନଭରି ଶାନ୍ତି ଅନୁଭବ କରେ। ସେ ଚଷା ଘରପୁଅ। ଚାଷୀକୁ ଲୋକ ମଜୁରିଆ କହନ୍ତି। କିନ୍ତୁ ସେ ହିଁ ରାଷ୍ଟ୍ର ଗଠନର ମଙ୍ଗ ଧରେ। ତା'ରି ପାଇଁ ସବୁଜ କ୍ଷେତରେ ପାଚିଲା କେଣ୍ଡା ଫର ଫର ହୋଇ ଉଡ଼େ। ସମୟ ଆସି ଏପରି ସ୍ଥାନରେ ଉପନୀତ ଯେ ଆଉ ଚାଷ ବୋଲି ଶବ୍ଦ ପିଲାଙ୍କୁ ପଚାରିଲେ ବି ଏହାର ସଂଜ୍ଞା କହିପାରିବେନି। କାରଣ ସବୁ ତ ଏବେ ପାଠପଢ଼ା ପରେ ଚାକିରୀ ନିଶାରେ ଘୁରିବୁଲିଲେ। ଆଉ ଶେଷରେ କିଛି ନହେଲେ ବାହାର ରାଜ୍ୟରେ ଦାଦନ ଖଟିବା ଟ ଥୟ। ଏଇଟା ତ ନିରାଟ ସତ କଥା। ଏହାର ଜ୍ୱଳନ୍ତ ଉଦାହରଣ ବି ଦେଖିବାକୁ ମିଳୁଛି। ନିଜେ ବିତାଇଥିବା ସେ ମୁହୂର୍ତ୍ତ ସବୁ ଆଜି ବି ମନରେ ଅଛି। ସେ ଦରଦୀଭରା କଥା , ସେ ନିର୍ଲୋଭ ମଣିଷ ଭିତରର ଚେହେରା ସବୁକିଛି ଆଜି ବି ମନେପଡ଼େ। ଇଚ୍ଛା ହୁଏ ଆମ ପରି ସବୁ ମଣିଷ ଯଦି ସେ ଚଷାପୁଅ କଥା ବୁଝିପାରନ୍ତା , ଆମ ଗାଁ ଗାଁରେ ସବୁଜିମାର ମହକ ଖେଳିଯାଆନ୍ତା, ନା କ'ଣ କହୁଛନ୍ତି !!!

(କୃଷି ସ୍ନାତକୋତ୍ତର , ମୃତ୍ତିକା ବିଜ୍ଞାନ, ସୋଆ , ଭୁବନେଶ୍ୱର )
(ଇମେଲ -dshuvam97@gmail.com

# ଅଜଣା ଯୁବକର ମୃତ ଦେହ ଉଦ୍ଧାର କଲା ପୁଲିସ୍

ଝୁମ୍ପୁରା,(ପି.ଏନ) : ବାମେବାରୀ ଥାନା ଅର୍ନ୍ତଗତ ଝୁମ୍ପୁରା ବ୍ଲକର କୁଟୁଗାଁ ପଚାଂୟତ ହାତୀଦରୀ ଗ୍ରାମ କୁଦୁମନାଳି ଜଙ୍ଗଲରୁ ସୋମବାର ଦିନ ଏକ ଅଜଣା ଯୁବକର ମୃତ ଦେହେ ଜବତ କରିଛି ପୁଲିସ୍ । ସୂଚନା ମୁତାବକ ହାତୀଦରୀ ଗ୍ରାମର କିଛି ଲୋକ ଶୌଚ ନିମନ୍ତେ ନିକଟସ୍ଥ ଜଙ୍ଗଲ କୁ ଯିବା ସମୟରେ ରାସ୍ତାରୁ ୧୨ରୁ୧୫ଫୁଟ ଦୂରରେ ପାଖାପାଖି ୩୦ ବର୍ଷର ଏକ ଯୁବକର ମୃତ ଦେହ ପଡିରହିଥିଲା। ଏ ସମ୍ପର୍କରେ ସ୍ଥାନୀୟ ସରପଚଂଙ୍କୁ ଲୋକମାନେ ଖବର ଦେଲେ । ଖବର ପାଇ ସରପଚଂ ମହାଶୟ ବାମେବାରୀ ଥାନା କୁ ଖବର ଦେଇଥିଲେ। ଖବର ପାଇ ବାମେବାରୀ ପୁଲିସ ଘଟଣାସ୍ଥଳରେ ପହଁଚି ପାରିପାର୍ଶ୍ୱିକସ୍ଥିତି ଅନୁଧ୍ୟାନ କରିଥିଲେ । ମୃତ ଯୁବକର ମୁଣ୍ଡ ନିକଟରେ ୩ଗୋଟି ପଥର ପଡି ରହିଥିବା ଦେଖିବାକୁ ମିଳିଥିଲା । ଉକ୍ତ ପଥର ସାହାର୍ଯ୍ୟରେ ଯୁବକ ର ମୁହଁ ଏବଂ ମୁଣ୍ଡ କୁ ଛେଚି ହତ୍ୟା କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସେନସିଆ ତିର୍କି ଙ୍କ ଉପସ୍ଥିତିରେ ପୁଲିସ୍ ମୃତ ଦେହ କୁ ଜବତ କରିଥିଲା। ତେବେ ପୁଲିସ୍ ପକ୍ଷରୁ କେଶ ନଂ-୧୬୧/୨୧ ରୁଜୁ କରି ମୃତ ଦେହ କୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେଉଁ କାରଣ ପାଇଁ କିଏ କାହିଁକି ଯୁବକକୁ ହତ୍ୟା କରିଛି , ତାର ବିଧିବଦ୍ଧ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ପ୍ରାଣନାଥ ଥିଲେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ

ଭୁବନେଶ୍ୱର, (ପି.ଏନ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ପ୍ରାଣନାଥ ମାର୍ଗସ୍ଥିତ ସ୍ୱର୍ଗତଃ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ୧୧୬ତମ ଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିସଭା ଆୟୋଜନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ପ୍ରାଣନାଥ ଥିଲେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ପ୍ରାକ୍ତନ ବିଧାୟକ, ବହୁ ଶିକ୍ଷାନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା, ସାହିତ୍ୟିକ, ବିପ୍ଳବୀ ସହିତ ସାମ୍ୟବାଦୀ ଚିନ୍ତାଧାରା, ରାଜ୍ୟ ଚାଷୀ ଆନ୍ଦୋଳନର ପ୍ରତିଷ୍ଠାତା, ବହୁମୁଖୀ ପ୍ରତିଭାଦୀପ୍ତ ସାମ୍ବାଦିକ ସହିତ ଏକ ଦରଦୀ ସମାଜସେବୀ ଭାବରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ସାଧାରଣ ଲୋକଙ୍କ ପାଇଁ ସେବା ଓ ତ୍ୟାଗ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ଏହି ଅବସରରେ ବରିଷ୍ଠ ପୂଜ୍ୟପୂଜାପ୍ରାଣ ତଥା ସଂସ୍କୃତି ବିଭାଗର ଯନ୍ତ୍ରୀ ସରୋଜ କୁମାର ନନ୍ଦଙ୍କୁ ସ୍ୱର୍ଗତ ପ୍ରାଣନାଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବୈତରଣୀ ନଦୀକୁ ଡେଇଁ ଯୁବକ ଗୁରୁତର

ଆନନ୍ଦପୁର,(ପି.ଏନ) : କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସ୍ଥିତ ବୈତରଣୀ ନଦୀ ପୋଲ ଉପରୁ ନଦୀକୁ ଡେଇଁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ଆନନ୍ଦପୁର ପୌରାଞ୍ଚଳ ୧୧ନଂ ୱାର୍ଡ ଫକୀରପୁର ଅଂଚଳର ରନ କୁମାର ସାହୁ(୨୮)। ସୂଚନା ଅନୁଯାୟୀ ରନ ଆଜି ଅପରାହ୍ନ ୪ଟା ବେଳେ ହଠାତ୍ ପୋଲ ଉପରୁ ପାଣିକୁ ଡେଇଁ ପଡିଥିଲେ। ଖବର ପାଇ ଘଷିପୁରା ଅଗ୍ନିଶମ ବାହିନୀ ସେଠାରେ ପହଂଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପାରିବାରିକ କଳହରୁ ରନ ଏଭଳି କରିଥିବା ଅନୁମାନ କରାଯାଉଛି।

## ନିତି ଆୟୋଗ ଦ୍ୱାରା ପରିଚାଳିତ ଜାତୀୟ ସ୍ତରୀୟ ୱେବିନାର୍

ଭୁବନେଶ୍ୱର, (ପି.ଏନ): ନିତି ଆୟୋଗର ସି.ଇ.ଓ. ଅମିତାଭ କାନ୍ତଙ୍କ ଦ୍ୱାରା ଏକ ଜାତୀୟ ସ୍ତରୀୟ ୱେବିନାର 'ସାଥ୍' ପ୍ରକଳ୍ପ ଶିକ୍ଷା ପରିଚାଳନା କରାଯାଇଛି। ଉକ୍ତ ୱେବିନାରରେ ଉଭୟ ବିସିଜି ଏବଂ ପିରାମଲ ଫାଉଣ୍ଡେସନ ସେମାନଙ୍କର ସହଯୋଗ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ସାଥ୍' ପରିଚାଳିତ ତିନୋଟି ରାଜ୍ୟ ଯଥା ଓଡ଼ିଶା, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡ ରାଜ୍ୟର ଶିକ୍ଷାମନ୍ତ୍ରୀମାନଙ୍କ ସହ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଦେଶର ବିଶିଷ୍ଟ ଶିକ୍ଷାବିତ୍ ମାନେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ ଯେ, ଗୁଣାତ୍ମକ ଶିକ୍ଷା ଅଧିକାର ଉପରେ ଆମେ ଦୃଢ଼ତାର ସହିତ ବିଶ୍ୱାସ ରଖି ଆସୁଛୁ । 'ସାଥ୍'ର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ନିୟମିତ ରୂପାନ୍ତରୀଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଶିକ୍ଷା ମୂଳଦୁଆକୁ ସୁଦୃଢ଼ କରିପାରିଛି । ଏହିଅବସରରେ, "ସିଷ୍ଟେମିକ୍ ଟ୍ରାନ୍ସଫରମେସନ୍ ଅଫ୍ ସ୍କୁଲ ଏଜୁକେସନ୍- ଦି ସାଥ୍-ଇ ଏକ୍ସପେରିଏନ୍ସ" ରିପୋର୍ଟ ମନ୍ତ୍ରୀ ଦାଶ ଉନ୍ମୋଚନ କରିଥିଲେ । ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ଓସେପାର ଅତିରିକ୍ତ ନିର୍ଦ୍ଦେଶକ ରଜନୀ ଜାନୀ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ସହ ନିର୍ଦ୍ଦେଶକ ଦୀପକ ରାୟଙ୍କ ସମେତ ବିସିଜି ଏବଂ ପିରାମଲ ଫାଉଣ୍ଡେସନର କର୍ମକର୍ତାଗଣ ଉପସ୍ଥିତ ଥିଲେ।

# ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି

ଆନନ୍ଦପୁର,(ପି.ଏନ) : କଂଗ୍ରେସର ନିବରତା ଯୋଗୁଁ ବିରୋଧୀ ଦଳର ଭୂମିକା ନିଭାଉ ଥିବା ବିଜେପି ଆସନ୍ତା ପଂଚାୟତ ନିର୍ବାଚନରେ ଫାଇଦା ମାରିବା ପାଇଁ ରଣକୌଶଳ ଆରମ୍ଭ କରିଛି । ଚଳିତ ମାସ ୨୮ତାରିଖରେ ଆନନ୍ଦପୁର ଆସୁଥିବା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଜନୈତିକ ମହଲରେ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ପଂଚାୟତ ନିର୍ବାଚନ ଘୋଷଣା ପରେ ଅପରାଜିତାଙ୍କ ଗସ୍ତକୁ ନେଇ ବିଭିନ୍ନ ରାଜନୈତିକ ଶିବିର ଓ ଶାସକ ବିଜେଡି ଶିବିରରେ ଚର୍ଚ୍ଚା ଜୋର ଧରିଛି । ଘଷିପୁରା ଝାଡେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି । ଶ୍ରୀମତୀ ଷଡଙ୍ଗୀ ଖପରାଖାଇ ବସ୍ଷ୍ଟାଣ୍ଡ କାଳି ପଡିଆ ଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି । ବୈଠକରେ ଆନନ୍ଦପୁର ଓ ଘଷିପୁରା ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀ, ବୁଦ୍ଧିଜୀବୀ ଓ ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ବିଜେପି ନେତା ଶମ୍ଭୁନାଥ ରାଉତ, ତ୍ରିଲୋଚନ ଦାଶ, ଯଜ୍ଞପ୍ରସାଦ ସାହୁ, ଗୋଲକ ଜେନା, ରାମଚନ୍ଦ୍ର ସୁର, ବାମନ ଭୂୟାଁ, ପ୍ରଣବ ପୁହାଣ, ପ୍ରେମାନନ୍ଦ ମଲ୍ଲିକ୍, କୃଷ୍ଣଚନ୍ଦ୍ର ପରିଡା, ଲକ୍ଷ୍ମୀଧର ରାଉତ, ସରୋଜ ସାହୁ, ବୁନା ସାହୁ, ଭରତ ଚରଣ ଟୁଡୁ, ଜିତେନ୍ଦ୍ର ଦାସ, ମାୟାଧର ରଣା, ବସନ୍ତ ଜେନା, କୈଳାସ ଜେନା, ବିଦ୍ୟାଧର ଦାସ,ଉଚ୍ଛବ ଜେନା,ସଂଜୟ ବାରିକ, ପ୍ରଦୀପ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ଆନନ୍ଦପୁର,(ପି.ଏନ) : ଜାତୀୟ ନିର୍ବାଚନ ଆୟୋଗ ଆନୁକୂଲ୍ୟରେ ରାଜ୍ୟସ୍ତରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଘଷିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳ ପରିଦର୍ଶନ କରି ଏହି କାର୍ଯ୍ୟ ତଦାରଖ କରିଛନ୍ତି । ଏହି ସମୟରେ ଆନନ୍ଦପୁର ଉପ-ଜିଲ୍ଲାପାଳ ଗୋପିନାଥ କୁଅଁର, ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କ ସମେତ ବହୁ ପ୍ରସାସନିକ ଅଧିକାରୀ ଉପସ୍ଥିତ ଥିଲେ । ଆନନ୍ଦପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ଉପବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଗୌରାଙ୍ଗ ଚରଣ ଜେନା ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସୂଚନା ଥାଉକି ଏହି କାର୍ଯ୍ୟକ୍ରମରେ ଭୋଟର ତାଲିକାରେ ପିକୃତ ହୋଇନଥିବା ୧୮ବର୍ଷ କିମ୍ବା ତା'ଠୁ ଅଧିକ ବୟସର ବ୍ୟକ୍ତି ମାନଙ୍କ ନାମ ପୀକରଣ କରିବା ସହ ସଂଶୋଧନ ଓ ସ୍ଥାନାଧିକରଣ କରାଯିବାର ବ୍ୟବସ୍ଥା ରହିଛି ।

# ରାହାସ ଉତ୍ସବ ପାଇଁ ମୋଚିନ୍ଦା ଉତ୍ସବମୁଖର

ଆନନ୍ଦପୁର,(ପି.ଏନ) :ରାହାସ ଉତ୍ସବ ତଥା ରାଧାକୃଷ୍ଣ ପୂଜା ପାଇଁ ଆନନ୍ଦପୁର ବ୍ଲକର ମୋଚିନ୍ଦା ଗ୍ରାମ ଉତ୍ସବମୁଖର ହୋଇ ଉଠିଛି । ଜଳାଶୟ ମଧ୍ୟରେ ପୂଜା ମଣ୍ଡପ କରାଯାଇ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଛି । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସକାଳୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଜଳାଶୟରେ ବୁଡ ପକାଇବା ସହିତ ଡଙ୍ଗା ଭସାଇଥିଲେ । ସ୍ଥାନୀୟ ଯୁବକଙ୍କ ଦ୍ୱାରା ରାହାସ ଉତ୍ସବର ପରିକଳ୍ପନା କରାଯାଇଥିଲା । ସ୍ଥାନୀୟ ବ୍ୟବସାୟୀ ମାନସ ସାହୁ ଓ ଚିତ୍ରାଳୟ ବ୍ୟବସାୟୀ ଚଗୁଲୁ ସାହୁଙ୍କ ନେତୃତ୍ୱରେ ପ୍ରଥମେ ପୋଖରୀ ମଧ୍ୟରେ ମଣ୍ଡପ ନିର୍ମାଣ କରାଯାଇ ପୂଜା ଆରମ୍ଭ କରାଯାଇଥିଲା । ଜନ ସମର୍ଥନ ମିଳିବା ପରେ ରାଧାକୃଷ୍ଣ କମିଟି ଗଠନ କରାଯାଇ ୧୦ଦିନ ପର୍ଯ୍ୟନ୍ତ ଉତ୍ସବ ଓ ବାଲିଯାତ୍ରା ଅନୁଷ୍ଠିତ ହୋଇ ଆସୁଥିଲା । କୋଭିଡ୍ କଟକଣା ଯୋଗୁଁ ଯାତ୍ରା ବନ୍ଦ ରହିଥିଲା । ଚଳିତ ବର୍ଷ ବାଲିଯାତ୍ରା ଆରମ୍ଭ ହୋଇଛି । ୧୦୦ ରୁ ଉର୍ଦ୍ଧ୍ୱ ଷ୍ଟଲ ବସିଛି । ପ୍ରତି ସନ୍ଧ୍ୟାରେ ମେଲୋଡି, ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି । ଆସନ୍ତା କାଲି ଠାରୁ ଅପେରା ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି । କମିଟିର ସଦସ୍ୟ ମାନସ ରନ ସାହୁ, ଜିତେନ୍ଦ୍ରୀୟ ଓଝାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନପର୍ଯ୍ୟବେକ୍ଷକ' ୨୨ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ



ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।




# ଜିଲ୍ଲା ଶ୍ରମ ଓ ପୂର୍ତ୍ତ କାର୍ଯ୍ୟାଳୟ ଘେରାଉ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିଅନ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ପୂର୍ତ୍ତ ଡିଭିଜନ କାର୍ଯ୍ୟାଳୟ ଘେରାଉ କରାଯାଇ ବିଭାଗୀୟ ମୁଖ୍ୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଇଣ୍ଡିଆ ଇଞ୍ଜିନିଅର୍ସ ନାମକ ଏକ ଠିକାଦାର ସଂସ୍ଥାକୁ କେନ୍ଦ୍ରାପଡାର ଶ୍ୟାମଗୁଡିଆ ଠାରେ ଜିଲ୍ଲା ମେଡିକାଲର ମହିଳା ଓ ଶିଶୁ ବିଭାଗର ନୂତନ ଗୃହ ନିର୍ମାଣ ପାଇଁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ପ୍ରଶାସନ ସଂପୂର୍ଣ୍ଣ ଅଣଦେଖା କରିଛି। ଗତ ଜୁଲାଇମାସ ୧୮ତାରିଖରେ ମୟୁରଭଞ୍ଜରୁ ଆସିଥିବା ଦାଦନ ଶ୍ରମିକ ଜିତୁରାୟ ବେସ୍ରା କାମ କରୁଥିବା ବେଳେ ସେହି ବହୁତଳ ପ୍ରସାଦରୁ ଖସିପଡି ମୃତ୍ୟୁବରଣ କଲେ। ଏହା ସଂପୂର୍ଣ୍ଣ ଭାବେ ମନୁଷ୍ୟକୃତ ଦୂର୍ଘଟଣା। ବିଚରା ୪୧ ବର୍ଷୀୟ ଜିତୁରାୟ ବେସ୍ରାର ବାପା, ମା ଓ ପତ୍ନୀ ପୂର୍ବରୁ ମୃତ୍ୟୁବରଣ କରିଛନ୍ତି। ଅନୁସୂଚିତ ଜନଜାତି ବର୍ଗର ଜିତୁର ୪ଟି ପିଲା ଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ସାବାଳକ ଅଟନ୍ତି।




ଜିତୁ ଘରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ନିୟମ ଅନୁଯାଇ ଜଣେ ନିର୍ମାଣ ଶ୍ରମିକ କାର୍ଯ୍ୟରତ ଥାଇ ମୃତ୍ୟୁ ବରଣ କଲେ ୧୪ଲକ୍ଷ ୨୦ହଜାର ଟଙ୍କା ସହାୟତା ପାଇବାକୁ ଥିବା ବେଳେ ଗତ ଜୁଲାଇମାସରୁ ଏପର୍ଯ୍ୟନ୍ତ ତାଙ୍କୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ କିମ୍ବା କୌଣସି ସରକାରୀ ଅଧିକାରୀ ତାଙ୍କ ପରିବାରକୁ ଭେଟି ନାହାନ୍ତି। ତେଣୁ ଜିତୁରାୟ ବେସ୍ରାର ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ ସହିତ ଉକ୍ତ କମ୍ପାନୀ ୨୦୧୭ ମସିହାରୁ ନିର୍ମାଣ କାର୍ଯ୍ୟ କରୁଥିଲେ ମଧ୍ୟ ସମସ୍ତ ପ୍ରକାର ସରକାରୀ ନୀତି ନିୟମକୁ ଉଲ୍ଲଙ୍ଘନ କରି ଆସୁଅଛି। ଏ ସମ୍ପର୍କରେ ଜିଲ୍ଲା ଶ୍ରମ ବିଭାଗ ଓ ପୂର୍ତ୍ତ ଡିଭିଜନର ମୁଖ୍ୟ ଅଧିକାରୀମାନେ ଅବଗତ ଥିଲେ ବି ଏହି ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ଫଳରେ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଏହି ସଂସ୍ଥା ସଂପୂର୍ଣ୍ଣ ଆଖି ବୁଜି ଦେଇଛି। ମହିଳା ଶ୍ରମିକମାନେ ସେଠାରେ କାମ କରୁଥିଲେ ମଧ୍ୟ ସେମାନଙ୍କ ଶିଶୁମାନଙ୍କ ପାଇଁ କ୍ରେଚ, ପିଇବା ପାଣି, ଶ୍ରମିକମାନଙ୍କ ପାଇଁ ସୁରକ୍ଷା ବେଲଟ, ମୁଣ୍ଡରେ ହେଲମେଟ ପ୍ରଭୃତି ନିମନ୍ତେ ବ୍ୟବସ୍ଥା କରାଯାଇନାହିଁ। ଏପରିକି ନିର୍ମାଣ ସ୍ଥାନରେ ନିୟମ ଅନୁଯାଇ ଠିକାଦାରଙ୍କ ନାମ ଓ ନିର୍ମାଣ କାର୍ଯ୍ୟର ସବିଶେଷ ତଥ୍ୟ ସମ୍ପର୍କରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଏସମ୍ପର୍କରେ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସଂପୃକ୍ତ ଠକାଦାର ସଂସ୍ଥାକୁ କଳା ତାଲିକା ଭୁକ୍ତ କରାଯିବା ଓ ଏହି ସଂସ୍ଥାର ମାଲିକଙ୍କୁ ତୁରନ୍ତ ଗିରଫ କରାଯିବା ପାଇଁ ଦୃଢ ଦାବି କରାଯାଇଛି। ଏହି ବିକ୍ଷୋଭରେ ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିଅନର ରାଜ୍ୟ ସମ୍ପାଦକ ଜଗତଜୀବନ ଦାଶ, ସି.ପି.ଆଇ.(ଏମ) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ ନେତା ଉମେଶ ଚନ୍ଦ୍ର ସିଂହ, ସଂଗଠନର ସଭାପତି ଧନେଶ୍ୱର ରାଉତ, ସହସମ୍ପାଦକ ରମେଶ ମଲିକ, ବରିଷ୍ଠ ନେତା ମାଧବ ଦାସ, ମହେଶ୍ୱର ପରିଡା, ଅକ୍ଷୟ ତରାଇ, ପରମେଶ୍ୱର ସୁତାର, ନୃସିଂହ ତରାଇ, ଧୀବର ବେହେରା, ସୁଷମା ପଣ୍ଡା, ସ୍ନେହଲତା ଗାହାଣ, ଲକ୍ଷ୍ମୀ ପଣ୍ଡା, ନିରାକାର ସାହୁ, ଅଶୋକ ନାଥ, ମାନଗୋବିନ୍ଦ ତ୍ରିପାଠୀ, ବିଜୟ ସାହୁ, ବିନୟ ମଲିକ, ମଥୁରୀ ମଲିକ, ସୁରେନ୍ଦ୍ର ରାଉତରାୟ, ଦିପ୍ତିମୟୀ ବେହେରା, ଗଙ୍ଗାଧର ମଲିକ, ଶାରଦା ପ୍ରସାଦ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଚନ୍ଦନନଗର ପିଏଚସି ଫାର୍ମାସିଷ୍ଟଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ଚନ୍ଦନ ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ତାଙ୍କ କାର୍ଯ୍ୟରେ ଗୁରୁତର ଅବହେଳା କରୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସଂପୃକ୍ତ ଫାର୍ମାସିଷ୍ଟ ଜଣଙ୍କ ଦୀର୍ଘ ୧୫ବର୍ଷ ଧରି ଏଠାରେ କାର୍ଯ୍ୟ କରିଆସୁଥିବା ବେଳେ ସପ୍ତାହରେ ୨ଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ମାତ୍ର ୨ଘଣ୍ଟା ପାଇଁ ରହି ଚାଲିଯାଉଥିବା ଅଭିଯୋଗ ହୋଇଛି। ଏହାବ୍ୟତିତ ସେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଏବଂ



ସେମାନଙ୍କ ସହଯୋଗୀମାନଙ୍କୁ ଖରାପ ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ସେହି ଫାର୍ମାସିଷ୍ଟଙ୍କୁ ଏଠାରୁ ତୁରନ୍ତ ବଦଳି କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଞ୍ଜନା ମଲିକ, ପଦ୍ମିନୀ ମଲିକ, ମାମାନି ମଲିକ, ଟୁକୁନି ମଲିକ, ଲିପୁନା ମଲିକ, ପାଣ୍ଡବ ମଲିକ, ମିଥୁନ ମଲିକ, ରମେଶ ମଲିକ, ସଦାନନ୍ଦ ମଲିକ ପ୍ରମୁଖ ଦାବି କରିଛନ୍ତି।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଓଷ୍ଟାର ଆଲୋଚନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ସରକାରୀ ହାଇସ୍କୁଲ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ହାଇସ୍କୁଲ, ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲଗୁଡିକର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କର ବିବିଧ ସମସ୍ୟା ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂହଙ୍କ ସହିତ ଜିଲ୍ଲା ଓଷ୍ଟାର ନୂତନ କାର୍ଯ୍ୟକାରିଣୀ ସଦସ୍ୟ,ସଦସ୍ୟାମାନଙ୍କର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସିଂହ ଉପସ୍ଥିତ ନୂତନ ଓଷ୍ଟା ନେତୃତ୍ୱମାନଙ୍କୁ ସ୍ୱାଗତ କରିବା ପରେ ଜିଲ୍ଲା ଓଷ୍ଟା ସମ୍ପାଦକ ନିର୍ମଳ କୁମାର ନାୟକ ଶିକ୍ଷକ,ଶିକ୍ଷିକା ଓ କର୍ମଚାରୀମାନଙ୍କ ବହୁବିଧ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ୟା ଗୁଡିକ ମଧ୍ୟରେ ସରକାରୀ, ସଂପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ ଗୁଡିକରେ ଅତିଥି ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବା, ଖାଲି ପଡିଥିବା ଶିକ୍ଷକ ପଦ ପୁରଣ କରାଯିବା, ଶିକ୍ଷକମାନଙ୍କୁ ଏମ.ଏ.ସି.ପି. ଏବଂ ଆର.ଏ.ସି.ପି.ପ୍ରଦାନ କରାଯିବା, ଇନକ୍ରୀମେଣ୍ଟ ପ୍ରଦାନ କରାଯିବା, ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲର ଶିକ୍ଷକ ଓ କର୍ମଚାରୀମାନଙ୍କୁ ୬୦ପ୍ରତିଶତରୁ ୭୫ ପ୍ରତିଶତ ଏବଂ ୭୫ପ୍ରତିଶତରୁ ଶତକଡା ଶହେ ପ୍ରତିଶତ ଦରମା ପ୍ରଦାନ କରାଯିବା, ହିନ୍ଦୀ, ପି.ଇ.ଟି. ଓ କ୍ଲାସିକାଲ ଶିକ୍ଷକମାନଙ୍କୁ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରାଯିବା, ଅତିଥି ଶିକ୍ଷକମାନଙ୍କୁ ପୂର୍ବ ବର୍ଷର ବକେୟା ପ୍ରଦାନ କରାଯିବା ପ୍ରଭୃତି ୧୫ଟି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସିଂହ ଯଥାସମ୍ଭବ ଏହି ସମସ୍ୟାଗୁଡିକର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ଏହି ଆଲୋଚନାରେ ଓଷ୍ଟାର ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରା, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରଣବ କୁମାର ଜେନା, ବରିଷ୍ଠ ଜିଲ୍ଲା ନେତୃତ୍ୱ ଭଗବାନ ସାହୁ, ଅଶୋକ କୁମାର ମହାପାତ୍ର, ଅଶୋକ କୁମାର ପରିଡା, ମହେଶ୍ୱର ରାଉତ, ଅଲେଖ ଚନ୍ଦ୍ର ମହାନ୍ତି, ସରୋଜିନୀ ସ୍ୱାଇଁ, ରୀନା ରାଉତଙ୍କ ସମେତ ୯ଟି ବ୍ଲକ ସମ୍ପାଦକ ଏବଂ ଜିଲ୍ଲା ଓଷ୍ଟାର ସମସ୍ତ କାର୍ଯ୍ୟକାରିଣୀ ସଭ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିତ୍ତ ଅଧିକାରୀ ସୁରମା ମହାପାତ୍ର ଓ ଶୁଭଲକ୍ଷ୍ମୀ ନାୟକ, ବିଜ୍ଞାନ ପରିଦର୍ଶକ ନିଶିକାନ୍ତ ବାରିକ ଓ ରଞ୍ଜନ କୁମାର ସ୍ୱାଇଁ, ମୁଖ୍ୟ କିରାଣୀ ପ୍ରଭାକର ବେହେରା, ବରିଷ୍ଠ କିରାଣୀ ରାଜକିଶୋର ଲେଙ୍କା ଓ ଦିଲ୍ଲିପ କୁମାର ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା (ପିଏନ୍): ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କାର୍ଯ୍ୟକ୍ରମ ଅଧିନରେ ଗ୍ରାମାଞ୍ଚଳର ୧୮ରୁ ୩୫ବର୍ଷ ବୟସର ବେକାର ଯୁବକ ଓ ଯୁବତୀମାନଙ୍କୁ ଆତ୍ମନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ ପାଇଁ ଏକ ପ୍ରଶିକ୍ଷଣ ଶିବିର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଢୋଲ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ଉଦ୍ୟମରେ ଏବଂ ଓଡିଶା ଜୀବିକା ମିଶନର କେନ୍ଦ୍ରାପଡା ବ୍ଲକ ବିପିଏମ ଆଦିତ୍ୟ ନାରାୟଣ ଲେଙ୍କାଙ୍କ ସହଯୋଗରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଏକ ଶହରୁ ଅଧିକ ବେକାର ଯୁବକ ଓ ଯୁବତୀମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଏହି ଶିବିରରେ ବ୍ଲକ ଜୀବିକା ମିଶନ ସଂଯୋଜକ ନରେନ୍ଦ୍ର କୁମାର ନାୟକ, ଢୋଲ ସରପଞ୍ଚ ଝୁନା ମଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜି.ଆର.ଏସ., ଗ୍ରାମ ପଞ୍ଚାୟତ ମିଶନ ଶକ୍ତିର ସଭାପତି ଓ ସମ୍ପାଦିକା, ଏମ.ବି.କେ., ସି.ଆର.ପି., କୃଷିମିତ୍ର, ପ୍ରାଣୀମିତ୍ର, ଭି.ଆର.ପି. ଏବଂ କାର୍ଯ୍ୟକାରୀ ପରିଷଦର ସଭ୍ୟାମାନେ ଉପସ୍ଥିତ ଥିଲେ।

# ପୁରସ୍କାର ଦେବାକୁ କହି ନକଲି ସାମ୍ବାଦିକଙ୍କ ୧୦ଲକ୍ଷ ଠକେଇ

କେନ୍ଦ୍ରାପଡ଼ା (ପିଏନ୍): ବିଭିନ୍ନ ସଂସ୍ଥା ପକ୍ଷରୁ ପୁରସ୍କାର ଓ ମାନପତ୍ର ଦେବାକୁ କହି ବହୁ ଲୋକଙ୍କ ଠାରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ଠକି ନଇେଥିବା ଅଭିଯୋଗରେ ଅବିନାଶ ସାମଲ ନାମଙ୍କ ଜଣେ ନକଲି ସାମ୍ବାଦିକଙ୍କୁ ସଦର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବିଜୟ ଖଟୁଆଙ୍କ ପୁଅ ତଥା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ବିଜ୍ଞାନ ଛାତ୍ର ସନ୍ତୋଷ ଖଟୁଆ କେନ୍ଦ୍ରାପଡା ସହରର ତିନିମୁହାଣି ନିକଟସ୍ଥ ଏକ ମେସରେ ରହି ଅଧ୍ୟୟନ କରନ୍ତି। ସନ୍ତୋଷ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ମଧ୍ୟ ହୋଇଛନ୍ତି। କଜଳାସ୍ଥିତ ଖେଳପଡିଆରେ ଛାତ୍ର ସନ୍ତୋଷ କ୍ରିକେଟ ଖେଳୁଥିବା ସମୟରେ ଗତ ମାର୍ଚ୍ଚମାସ ପହିଲା ଦିନ କଜଳାରେ ଘରଭଡା ନେଇ ରହୁଥିବା ଅବିନାଶ ସହିତ ସାକ୍ଷାତ ହୋଇଥିଲା। ଅବିନାଶ ନିଜକୁ ଦୂରଦର୍ଶନର ସାମ୍ବାଦିକ ବୋଲି ପରିଚୟ ଦେଇ ସନ୍ତୋଷକୁ ବିଭିନ୍ନ ସଂସ୍ଥାରୁ ପୁରସ୍କାର ଓ ମାନପତ୍ର ମିଳିବାର ପ୍ରଲୋଭନ ଦେଖାଇ ତା'ର ମନରେ ବିଶ୍ୱାସ ଜନ୍ମାଇଥିଲେ। ଫଳରେ ଉଚ୍ଚାଭିଳାସୀ ସନ୍ତୋଷ ଏଥିରେ ରାଜି ହୋଇଯାଇଥିଲେ। ଏହାପରେ ଗତ ମାର୍ଚ୍ଚମାସ ୯ତାରିଖରେ ପ୍ରଥମେ ୩୦ହଜାର ଓ ୧୫ତାରିଖରେ ୧୦ହଜାର ଟଙ୍କା ପ୍ରତିଯୋଗିତାର ପ୍ରବେଶ ଫିସ ବାବଦରେ ଅବିନାଶ ସନ୍ତୋଷ ଠାରୁ ଠକି ନେଇଥିଲେ। ସେହିପରି ଉତ୍କଳ ଗୌରବ ୟୁଥ ଆଇକନ ଏବଂ ମଦର ଟେରସା ସମ୍ମାନ ଭଳି ଅନ୍ୟ ପ୍ରତିଯୋଗୀତା ଗୁଡିକ ନିମନ୍ତେ ୪୦ ହଜାର, ୨୦ହଜାର କରି ମୋଟ ଏକଲକ୍ଷ ୫୬ହଜାର ଟଙ୍କା ସନ୍ତୋଷ ଠାରୁ ଠକି ନେଇଥିବା ସମ୍ପର୍କରେ ସନ୍ତୋଷ ଗତ ଜୁଲାଇମାସ ୨୬ତାରିଖରେ ସଦର ଥାନାରେ ଅଭିଯୋଗ କରିଥିଲା। ସେହି ଅଭିଯୋଗ ଉପରେ ଥାନା କେଶ ନମ୍ବର - ୪୧୮/୨୦୨୧ରେ ଆଇପିସିର ଧାରା ୪୧୭, ୪୨୦ ଓ





୫୦୬ରେ ଏକ ମାମଲା ରୁଜୁ କରାଯାଇଥିଲା। ସନ୍ତୋଷ କେବଳ ଏକ ମାନପତ୍ର ଅବିନାଶ ଠାରୁ ପାଇଥିବା ବେଳେ କୌଣସି ପୁରସ୍କାର ପାଇନଥିଲା। ଫଳରେ ତାର ସନ୍ଦେହ ହେବାରୁ ସନ୍ତୋଷ ତାର ଅର୍ଥ ଫେରସ୍ତ ମାଗିବାରେ ଅବିନାଶ ତାକୁ ଧମକ ଦେଇଥିଲା। ଏସମ୍ପର୍କରେ ଥାନାରେ ଜଣାଇବା ପରେ ଅବିନାଶ କେନ୍ଦ୍ରାପଡାରୁ ଫେରାର ହୋଇଯାଇଥିଲା। ସଦର ଥାନା ପୋଲିସ ଅବିନାଶର ମୋବାଇଲ ଟ୍ରାକିଂ କରିବାରେ ସେ ଯାଜପୁର ଏବଂ ପରେ ଭୁବନେଶ୍ୱରରେ ଥିବାର ଜଣାପଡିଥିଲା। ଅବିନାଶକୁ ପୋଲିସ ଗିରଫ କରି ଥାନାକୁ ଆଣିବା ପରେ ତାକୁ ପଚରାଉଚୁରା କରିଥିଲା। ଅବିନାଶ ତିନିମୁହାଣିର ଏକ ଡିଟିପି ସେଣ୍ଟରରେ ପୁରସ୍କାର ପାଇଁ ଉଦ୍ଦିଷ୍ଟ ନକଲି ସାର୍ଟିଫିକେଟ ପ୍ରସ୍ତୁତ କରିଥିବା ସମ୍ପର୍କରେ ପୋଲିସ ଜାଣିବା ପରେ ସଂପୃକ୍ତ ଡିଟିପି ସେଣ୍ଟରର ମାଲିକ ଏବଂ ୨ଟି କମ୍ପ୍ୟୁଟର ମନିଟର, ୨ଟି ସିପିୟୁ, ୨ଟି ପ୍ରିଣ୍ଟର ଓ ସ୍କାନର ଜବତ କରିବା ସହ ଅବିନାଶଠାରୁ ନଗଦ ୨୦ହଜାର ଟଙ୍କା ଓ ନକଲି ମାନପତ୍ର ଏବଂ ଗୋଟିଏ ମୋବାଇଲ ଜବତ କରିଥିଲା। ଅବିନାଶ ଏଭଳି ଭାବରେ ପୁରୀ, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାର ପ୍ରାୟ ୧୦ଜଣଙ୍କ ଠାରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ପୋଲିସ କହିଛି। ଏହି ଉପଲକ୍ଷେ ସଦର ଥାନାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ପବିତ୍ର ମହାରଣା କହିଛନ୍ତି ଯେ ଅବିନାଶ କେନ୍ଦ୍ରାପଡା କଲେଜରେ ସ୍ନାତକ ପାସ କରିବା ପରେ ଗତ ୨୦୦୯ମସିହାରେ ଭୁବନେଶ୍ୱରରେ ଇନଷ୍ଟିଟ୍ୟୁଟ ଅଫ କଷ୍ଟ ଆଣ୍ଡ ୱାର୍କସ ଆକାଉଁଟାଣ୍ଟ ଅଫ ଇଣ୍ଡିଆରେ କଷ୍ଟିଂ ପଢୁଥିଲେ। କିନ୍ତୁ ପାସ କରିପାରି ନଥିଲେ। ସେହି ସମୟରେ ଅବିନାଶ ଦୂରଦର୍ଶନରେ କ୍ରୀଡା ଓ କ୍ରୀଡାବୀତ କାର୍ଯ୍ୟକ୍ରମରେ ଆଙ୍କରିଂ କରୁଥିଲେ। ପରେ ଭୁବନେଶ୍ୱରରେ ଟ୍ୟୁସନ କରି ଭଡାଘର ନେଇ ରହୁଥିଲେ। ୨୦୧୭ମସିହାରେ ମନି ଇନଭେଷ୍ଟମେଣ୍ଟନେଟୱାର୍କରେ ଯୋଗଦେଇ କାମ କରୁଥିବା ବେଳେ ତାଙ୍କର ବହୁ ଅର୍ଥ ବୁଡିଯାଇଥିଲା। ଏହାପରେ ଅବିନାଶ ସେହି କାରଣରୁ ପୁରୀ, ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଲୋକଙ୍କୁ ପ୍ରଲୋଭିତ କରି ଅର୍ଥ ଠକିନେଇଥିବା ପୋଲିସକୁ କହିଛନ୍ତି। ସେହିପରି କଲେଜ ଛାତ୍ର ସନ୍ତୋଷ ଖଟୁଆଙ୍କ ଠାରୁ ଅଭିଯୁକ୍ତ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ଅଶୋକ କୁମାର ସାମଲଙ୍କ ପୁଅ ଅବିନାଶ ସାମଲ(୩୩) ଏକଲକ୍ଷ ୫୬ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ତାକୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ତଦନ୍ତକାରୀ ଅଧିକାରୀ ସବଇନିସପେକ୍ଟର ତପନ କୁମାର ନାହାକ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prayan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ବାମପନ୍ଥୀ ନେତାଙ୍କ ଦେହାନ୍ତରେ ଶୋକ

ଚଣ୍ଡିଖୋଲ (ପି.ଏନ୍)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆ-ସୁଙ୍ଗୁଡ଼ା ଗ୍ରାମର ବର୍ଷିୟାନ୍ କମ୍ୟୁନିଷ୍ଟ ନେତା ତଥା ବିଶିଷ୍ଟ କୃଷକ ସୁବଳ ଚରଣ ନାୟକଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ଦେହାନ୍ତ ଖବର ପାଇ ସୁଙ୍ଗୁଡ଼ା ବ୍ରାଂଚର କମ୍ୟୁନିଷ୍ଟ ସାଥିମାନେ ତାଙ୍କ ନୂଆ-ସୁଙ୍ଗୁଡ଼ାସ୍ଥିତ ବାସଗୃହଠାରେ ପଂହଚିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବଡ଼ଚଣା ଜୋନାଲ୍ କମିଟିର ସଂପାଦକ କମ୍ରେଡ୍ ଇଶ୍ୱର ଚନ୍ଦ୍ର ପରିଡ଼ା, ଜିଲା ସହ ସଂପାଦକ ଅଜୟ କୁମାର ବିଶ୍ୱାଳ, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ କମ୍ରେଡ୍ ଯତିନ୍ଦ୍ର ଜେନା, ସୁଙ୍ଗୁଡ଼ା ଶାଖା ସଂପାଦକ କମ୍ରେଡ୍ ଭଗବାନ୍ ପଣ୍ଡା, ସାଥି ସୁକାନ୍ତ କୁମାର ଜେନା, ଯୁଧିଷ୍ଠିର ସାହୁ, ଭାସ୍କର ନାରାୟଣ ସେଠୀ, ରଂଜନ କୁମାର ଜେନା, ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଚିତ୍ରାନନ୍ଦ ଜେନା ପ୍ରମୁଖ ସେଠାରେ ପଂହଚି ସ୍ୱର୍ଗତଃ ନାୟକଙ୍କ ମରଶରୀର ଉପରେ ଲାଲ୍ ପତାକା ଓ ପୁଷ୍ପମାଲ୍ୟ ପ୍ରଦାନ କରିବା ସଂଗେ ସଂଗେ ତାଙ୍କ ମର ଶରୀରକୁ ନେଇ ଗାଁ ପରିକ୍ରମା କରିବା ସଂଗେ ସଂଗେ ଗ୍ରାମ୍ୟ ଶ୍ମଶାନରେ ପଂହଚିଥିଲେ। ସେଠାରେ ତାଙ୍କର ଶବଦାହ କରାଯାଇଥିଲା। ଏହି ଗ୍ରାମ ପରିକ୍ରମାରେ ତାଙ୍କ ନିଜ ଗ୍ରାମ ନୂଆ ସୁଙ୍ଗୁଡ଼ାର ଗ୍ରାମବାସୀ ଓ ବନ୍ଧୁବାନ୍ଧବ ଯୋଗଦେଇଥିଲେ। ତାଙ୍କ ମୃତ୍ୟୁରେ ତାଙ୍କ ଗ୍ରାମ ସମେତ ଚଣ୍ଡିଖୋଲ ଛକର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## କଂଗ୍ରେସ ନେତା ପ୍ରଭାକର ଶତପଥୀଙ୍କ କନିଷ୍ଠ ପୁତ୍ର ବିୟୋଗରେ ଶୋକ

ଚଣ୍ଡିଖୋଲ (ପିଏନ୍)-ବଡ଼ଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ତଥା କବି, ସାହିତ୍ୟିତ ପ୍ରଭାକର ଶତପଥୀଙ୍କ କନିଷ୍ଠ ପୁତ୍ର ଅମୃତ ଜ୍ୟୋତି ଶତପଥୀ (୪୬)ଙ୍କର ଭୁବନେଶ୍ୱର ଡ଼ାକ୍ତରଖାନାରେ ଚିକିତ୍ସା ହେବା ସମୟରେ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେବ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯିବାରୁ ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ସହିଦ୍ ନଗର ଶ୍ମଶାନରେ ସତ୍କାର କରାଯାଇଥିଲା। ସ୍ୱର୍ଗତ ଅମୃତ ଜ୍ୟୋତିଙ୍କ ବାସସ୍ଥାନ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ମଝିପଡ଼ା ପଂଚାୟତର ବନମାଳିପୁର ଗ୍ରାମରେ। ତାଙ୍କ ମୃତ୍ୟୁ ସମୟରେ ନିକଟରେ ତାଙ୍କ ପିତା ପ୍ରଭାକର ଶତପଥୀ, ତାଙ୍କ ସହ ଧର୍ମିଣୀ, ଦୁଇଟି ଝିଅ ଓ ତାଙ୍କର ଆତ୍ମିୟସ୍ୱଜନମାନେ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, କଂଗ୍ରେସ ନେତା ନିରଞ୍ଜନ ଦଳାଇ, ବଡ଼ଚଣା ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର, ପ୍ରେସ୍ କ୍ଲବ୍ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡ଼ା, ସାମ୍ବାଦିକ ଶିବରାମ ସାହୁ, ପ୍ରତାପ ଜେନା, କେଶବ ଚନ୍ଦ୍ର ରାୟ, ପ୍ରାକ୍ତନ ସରପଂଚ କେଶବ ଚନ୍ଦ୍ର ସେଠୀ, ଚକ୍ରଧର ଭୂୟାଁ, ଯୁବନେତା ପ୍ରଦୀପ୍ତ ମହାନ୍ତି, ଅଶୋକ ସାମଲ ପ୍ରମୁଖ ଗଭିର ଶୋକ ପ୍ରକାଶ କରିଛନ୍ତି।

# ସ୍ୱରେଜ୍ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ ପାଇଁ ଉଚ୍ଚସ୍ତରୀୟ ଟିମ୍‌ର ଗୁପ୍ତ ଗସ୍ତ

ରାଉରକେଲା (ପିଏନ୍): ଠିକା କମ୍ପାନୀ ଏଲ୍ଆଣ୍ଡଟି ସହିତ ରାଉରକେଲା ସ୍ୱରେଜ୍ ବୋର୍ଡ ପ୍ରକଳ୍ପ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଲିଛି । ସ୍ୱରେଜ୍ ବୋର୍ଡ ପ୍ଲାଣ୍ଟ ପ୍ରକଳ୍ପ ନାଁରେ ଉଭୟ ମିଳିମିଶି କୋଟି କୋଟି ଟଙ୍କା ଲୁଟ୍ କରୁଛନ୍ତି । ଗତ ଫେବୃୟାରୀ ମାସରେ ମୁଖ୍ୟମନ୍ତ୍ରୀଙ୍କୁ ମିଛକହି ଉଦ୍‌ଘାଟନ କରାଯାଇଥିବା ଏହି ପ୍ରକଳ୍ପର ଏବେବି ୩୦ ପ୍ରତିଶତରୁ ଅଧିକ କାମ ବାକି ରହିଛି । ଅଧାପ'ରିଆ ଅବସ୍ଥାରେ ପଡିଥିବା ଏହି ପ୍ରକଳ୍ପ ଏକ ବିଫଳ ପ୍ରକଳ୍ପରେ ପରିଣତ ହୋଇଥିବା ବେଳେ ଏହି ପ୍ରକଳ୍ପଜନିତ ନିମ୍ନମାନର କାମ ପାଇଁ ଲୋକଙ୍କ ଦୁଃଖକଷ୍ଟ କିଂ ସରୁନାହିଁ । ଗତ ଦୁଇଦିନ ହେଲା ଲଘୁଚାପଜନିତ ଲଗାଣ ବର୍ଷାରେ ସ୍ୱରେଜ୍ ବୋର୍ଡ ଦ୍ୱାରା କରାଯାଇଥିବା ରାସ୍ତା ଅନେକ ସ୍ଥାନରେ ବିପର୍ଯ୍ୟସ୍ତ ହୋଇପଡିଛି । ଜେଲ୍ ରୋଡ, କଳିଙ୍ଗ ବିହାର ରୋଡ୍, ବାସ'ୀ କଲୋନୀ ଓ ଛେଣ୍ଡ କଲୋନୀ ଇତ୍ୟାଦି ଅଞ୍ଚଳରେ ଯାତାୟତ ପାଇଁ ଲୋକେ ନାହିଁନଥିବା କଷ୍ଟ ଭୋଗ କରୁଛନ୍ତି । ତେଣୁ ଏହାର ପ୍ରତିକାର ପାଇଁ ଆଜି ରାଉରକେଲା ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ପୂର୍ବତନ ସଭାପତି ତଥା ରାଉରକେଲା ବିଧାନସଭା ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ସ୍ୱରେଜ୍ ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚିଥିବା ବେଳେ କାର୍ଯ୍ୟାଳୟ ଖାଲିପଡିଥିବା ଦେଖିଥିଲେ । କାର୍ଯ୍ୟାଳୟରେ କୌଣସି ଅଧିକାରୀ ଉପସ୍ଥିତ ନଥିବା ବେଳେ ଫୋନ୍ କରିବାରୁ ପ୍ରାୟ ଅଧଘଣ୍ଟା ପରେ ଜଣେ ଉପପ୍ରକଳ୍ପ ଯନ୍ତ୍ରୀ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ । ତେବେ ପ୍ରକଳ୍ପ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଭୁବନେଶ୍ୱରରୁ ଆସିଥିବା ସ୍ୱରେଜ୍ ବୋର୍ଡର ଉଚ୍ଚସ୍ତରୀୟ ଟିମ୍ ସହିତ କୁଆଡେ ଗୁପ୍ତ ବୈଠକ କରୁଥିବାର ଜଣାପଡିଥିଲା । ତେବେ ରାଉରକେଲା ସ୍ୱରେଜ୍ ପ୍ରକଳ୍ପର ନିମ୍ନମାନର କାର୍ଯ୍ୟ ଓ ଅନିୟମିତତା ଇତ୍ୟାଦି ସମ୍ପର୍କରେ ବୋର୍ଡର ଉଚ୍ଚସ୍ତରୀୟ ଟିମ୍‌କୁ କଂଗ୍ରେସ ପ୍ରତିନିଧି ଦଳ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇବାକୁ ଚାହିଁଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ଉକ୍ତ ଟିମ୍ ସହ ଥିବା ପ୍ରକଳ୍ପ ଯନ୍ତ୍ରୀ ଉପପ୍ରକଳ୍ପ ଯନ୍ତ୍ରୀଙ୍କ ଫୋନ୍ ମଧ୍ୟ ଉଠାଇନଥିଲେ । ତେବେ ରାସ୍ତାଘାଟର ବିପର୍ଯ୍ୟସ୍ତ ଅବସ୍ଥା ସମ୍ପର୍କରେ ପ୍ରତିନିଧି ଉପପ୍ରକଳ୍ପ ଯନ୍ତ୍ରୀଙ୍କୁ ଅବଗତ କରାଇ ସନ୍ଧ୍ୟାସୁଦ୍ଧା ବୋର୍ଡର ଉଚ୍ଚସ୍ତରୀୟ ଟିମ୍ ସହିତ କଂଗ୍ରେସ ପ୍ରତିନିଧି ଦଳର ସାକ୍ଷାତ ଆଲୋଚନା ପାଇଁ ସମୟ ନିର୍ଘଣ୍ଟ କରିବାକୁ କହିଥିଲେ, ଯାହାକି ଅଦ୍ୟାବଧି ହୋଇପାରି ନାହିଁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ସ୍ୱରେଜ୍ ପ୍ରକଳ୍ପର ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ବ୍ୟାପକ ଦୁର୍ନୀତି ଓ ଅଯଥା ବିଳମ୍ବ ନେଇ କଂଗ୍ରେସ ତରଫରୁ ବାରମ୍ବାର ସ୍ୱର ଉତ୍ତୋଳନ କରାଯାଇଛି । ଗତ କିଛିଦିନ ପୂର୍ବେ ଭିଜିଲାନ୍ସରେ ଏ ସମ୍ପର୍କରେ ଏତଲା ଦିଆଯାଇ ତଦନ୍ତକୁ ଅପେକ୍ଷା କରାଯାଇଛି । ତେବେ ସ୍ୱରେଜ୍ ବୋର୍ଡ ପ୍ରକଳ୍ପ କାର୍ଯ୍ୟରେ ସ୍ୱଚ୍ଛତା ଆସୁନଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ । ବରଂ କାର୍ଯ୍ୟ ସରିଗଲା କହି ଠିକା ସଂସ୍ଥା ଏଲ୍ଆଣ୍ଡଟି ଚଳିତ ମାସ ସୁଦ୍ଧା ଚାଲିଯିବାକୁ ପ୍ରସ୍ତୁତି ଚଳାଇଛି । ତେଣୁ ଆଜି ପୁନଶ୍ଚ ଶ୍ରୀ ସେନାପତିଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳ ସ୍ୱରେଜ୍ ପ୍ରକଳ୍ପ କାର୍ଯ୍ୟାଳୟରେ ପହଞ୍ଚି ବିପର୍ଯ୍ୟସ୍ତ ରାସ୍ତାଘାଟ ଠିକ୍ କରିବାକୁ ଦାବି କରିଥିଲେ । ଏହି ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ସେବାଦଳ ମୁଖ୍ୟ ସଙ୍ଗଠକ ବିନୋଦ ରାଉତ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ଜିଲ୍ଲା କଂଗ୍ରେସର ଭାସ୍କର ଖିଲ୍ଲାର ଓ ଏମ୍‌ଡି ମୁର, ସମ୍ପାଦକ ରବୀନ୍ଦ୍ର ଦାସ, ଏମ୍‌ଡି ସବୀର, ଏମ୍‌ଡି ସଲ୍ଲାଉଦ୍ଦିନ, ମଙ୍ଗୁଳି ବାରିକ ଓ ଏମ୍‌ଡି ଇମ୍‌ତିଆଜି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଜଣାଇଛନ୍ତି ।

## ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀର ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ପଟିଆଠାରେ ବ୍ଲକ୍ (ନଂ. ୧) କଂଗ୍ରେସ ସଭାପତି ମନୋରଞ୍ଜନ ଜେନାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍ତର ନିର୍ବାଚନ ମଣ୍ଡଳୀର ନୂତନ ଭାବେ ବରିଷ୍ଠ ବ୍ଲକ୍ ସଭାପତି ଅଶୋକ ଦାସଙ୍କୁ ଦିଆଯାଇଥିବା ବେଳେ, ଜିଲ୍ଲାର ଉପସଭାପତି ଭାବେ ଆଶିଷ ମଲ୍ଲିକ, ସାଧାରଣ ସମ୍ପାଦକ ଭାବେ ଆତ୍ମାରାମ ପତି, ପରମେଶ ସାହୁ, ଶ୍ରୀନାଥ ପଟ୍ଟନାୟକ, ଶରତ ସାମଲ, ଲକ୍ଷ୍ମୀପ୍ରିୟା ଦାସ, ଗୋପାଳ ସାହୁ, ରିତିକା ବାରିକ, ବିପିନ୍ ବିହାରୀ ବଲ୍ଲଭ, ବ୍ଲକ୍ ସଭାପତି ଭାବେ ଶ୍ରୀଯୁକ୍ତ ଜେନା ଓ ଶ୍ରୀଯୁକ୍ତ ଦାସଙ୍କ ସହ ବ୍ରହ୍ମାନନ୍ଦ ସାହୁ, ଜିଲ୍ଲା ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ଗୀତାଞ୍ଜଳି ମହାନ୍ତି, ପ୍ରଫେସନାଲ କଂଗ୍ରେସର ଜିଲ୍ଲା ସଭାପତି ମିତ୍ରଭାନୁ ମହାପାତ୍ର ଓ ଛାତ୍ର କଂଗ୍ରେସର ଉତ୍ତର ନିର୍ବାଚନ ମଣ୍ଡଳୀର ସଭାପତି ଉଦିତ୍ ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଏଥିପାଇଁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଓ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୋବାବଙ୍କୁ ଏହି ସଭାରେ ସର୍ବସମ୍ମତିକ୍ରମେ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଗଲା। ଏହି ସଭାରେ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଆସନ୍ତା ପଞ୍ଚାୟତ ନିର୍ବାଚନରେ ସରକାରଙ୍କ ଦୁର୍ବଳତା, ଜନବିରୋଧୀ କାର୍ଯ୍ୟକ୍ରମ, ପାତରଅନ୍ତର ନୀତି ଓ ଗରିବ ମାରଣ କାର୍ଯ୍ୟକ୍ରମକୁ ଅସ୍ତ୍ର କରି ରାଜ୍ୟ ଓ କେନ୍ଦ୍ର ସରକାରୀ ଦଳ ବିରୁଦ୍ଧରେ ନିର୍ବାଚନ ଲଢ଼ାଯିବ ଏବଂ କଂଗ୍ରେସର ପୁରୁଣା ବନ୍ଧୁମାନଙ୍କୁ ଏକାଠି କରି ଘରଘର ବୁଲି ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।




## ରେଳ ଲାଇନ କଡରେ ଅଜଣା ଯୁବକଙ୍କ ଶବ



କେନ୍ଦ୍ରାପଡ଼ା,(ପି.ଏନ): ହରିଦାସପୁର-ପାରାଦୀପ ରେଳପଥର କେନ୍ଦ୍ରାପଡାର କଜଳା ନିକଟରେ ଜଣେ ଅଜଣା ଯୁବକଙ୍କ ମୃତଦେହ ପଡିଥିବା ଦେଖାଯାଇଛି। ଏସମ୍ପର୍କରେ ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଘଟଣା ସମ୍ପର୍କରେ ରେଲୱେ ଜି.ଆର.ପି. ପୋଲିସକୁ ଜଣାଇ ଦିଆଯାଇଥିବା ଥାନା ଅଧିକାରୀ ପବିତ୍ର ମହାରଣା କହିଛନ୍ତି।

## ବିରଜା ସଂସ୍କୃତିର ସୁରକ୍ଷା ପ୍ରତ୍ୟେକ ଯାଜପୁର ବାସୀଙ୍କ କର୍ତ୍ତବ୍ୟ

ଯାଜପୁର,(ପି.ଏନ):ଯାଜପୁରର ଆରାଧ୍ୟା ମା' ବିରଜାଙ୍କୁ ଆଧାର କରି ବିରଜା ସଂସ୍କୃତି ଭାରତବର୍ଷର ସର୍ବପ୍ରାଚୀନ ସଂସ୍କୃତି ଭାବେ ସ୍ୱତନ୍ତ୍ର ମର୍ଯ୍ୟାଦା ଲାଭ କରିଚି। ଏହାର ସୁରକ୍ଷା ନିମିତ୍ତ ପ୍ରତ୍ୟେକ ଯାଜପୁରବାସୀ ସଯନ୍ ହେବା ଉଚିତ୍ ବୋଲି 'ବିରଜାଜ୍ୟୋତି'ର ଶାରଦୀୟ ବିଶେଷାଙ୍କ ଲୋକାର୍ପଣ ସମାରୋହକୁ ଉଦ୍‌ଘାଟନ କରି ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ କହିଛନ୍ତି। ବିରଜା ହାଇସ୍କୁଲ ପରିସରସ୍ଥ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାରରେ ନୃସିଂହ ଚରଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିରଜାଜ୍ୟୋତି'ର ଶାରଦୀୟ ସଂଖ୍ୟା ଉନ୍ମୋଚନ ଓ ସମ୍ବର୍ଦ୍ଧନା ସମାରୋହକୁ ମୁଖ୍ୟ ଅତିଥି ଶ୍ରୀ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରି ମା'ବିରଜାଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ମାନନୀୟ ଅତିଥି କହ୍ନେଇ ଚରଣ ମାହାନ୍ତି 'ବିରଜାଜ୍ୟୋତି'ର ଯାଜପୁର ଐତିହ୍ୟ ସଂସ୍କୃତି ପ୍ରଚାର ଥିବା ନିମନ୍ତେ ପ୍ରତିବଦ୍ଧତାକୁ ପ୍ରଶଂସା କରି ଏହାର ସ୍ଥାୟିତ୍ୱ ନିମିତ୍ତ ସମସ୍ତେ ସହଯୋଗ କରିବା ଉଚିତ୍ ବୋଲି କହିଥିଲେ।

## ୫ ଜିଲ୍ଲାର ୧୩୦ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଚାଲିଛି ସ୍କୁଲ ରୂପାନ୍ତର ପର୍ବ । ୫-ଟି ସ୍କୁଲ ଟ୍ରାନ୍ସଫରମେସନ୍ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଜିଲ୍ଲାର ୧୦୭୫ଟି ରୂପାନ୍ତରିତ ସ୍କୁଲର ଲୋକାର୍ପଣ ଚାଲିଛି । ସାତ ଦିନର ଏହି କାର୍ଯ୍ୟକ୍ରମରେ ଆଜି ଚତୁର୍ଥ ଦିବସରେ ନୂଆପଡା, ଗଞ୍ଜାମ ,ସମ୍ବଲପୁର , ରାୟଗଡ଼ା ଓ ନୟାଗଡ଼ ଆଦି ୫ଟି ଜିଲ୍ଲାର ୧୩୦ଟି ରୂପାନ୍ତର ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକାର୍ପିତ କରିଛନ୍ତି। ଆଜି ସୁଦ୍ଧା ୫୩୧ଟି ରୂପାନ୍ତରିତ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ଆଜି ଲୋକାର୍ପିତ ହୋଇଥିବା ୧୩୦ଟି ସ୍କୁଲ ମଧ୍ୟରୁ ନୂଆପଡା ର ୭ଟି, ଗଞ୍ଜାମ ର .୮୩ଟି, ସମ୍ବଲପୁର ର୨୫ .ଟି, ନୟାଗଡ଼୮ଟି ଓ ରାୟଗଡ଼ା ର୭ଟି ସ୍କୁଲ ରହିଛି ।ଏହି ଅବସରରେ ଶିଶୁ ଦିବସ ପାଇଁ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉତ୍କର୍ଷତା ପାଇଁ ପ୍ରତିଯୋଗୀ ମନୋଭାବ ର ବିକାଶ ଜରୁରୀ । ରୂପାନ୍ତର ପରେ ସ୍କୁଲ ର ପରିବେଶ ପିଲାଙ୍କ ଭିତରେ ପ୍ରତିଯୋଗୀ ମନୋଭାବ କୁ ଅଧିକ ସୁଦୃଢ କରିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ।ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଆରମ୍ଭ ହୋଇଥିବା ଏ ନୂଆ ଯୁଗର ପୁରା ସୁଯୋଗ ନେବା ପାଇଁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଜଣାଇଥିଲେ । ପ୍ରଥମ ପର୍ଯ୍ୟାୟରେ ୨୪ ନଭେମ୍ବର ସୁଦ୍ଧା ରାଜ୍ୟର ୧୦୭୫ଟି ସ୍କୁଲ ଲୋକାର୍ପଣ କାର୍ଯ୍ୟକ୍ରମ ଚାଲିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହି ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଂଚଳର ବିଧାୟକ, ପଂଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ତଥା ପିତାମାତା ଏବଂ ଅଭିଭାବକ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ପିଲାମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ମାତୃଭୂମି ଓ ପରିବାର ପରେ ସ୍କୁଲ ହେଉଛି ଆମର ସବୁଠାରୁ ବଡ ପରିଚୟ । ମୋର ପୁରା ବିଶ୍ୱାସ, ତୁମେ ମାନେ ଭଲ ପାଠ ପଢି ଭଲ କାମ କରି, ଏ ପରିଚୟକୁ ରାଜ୍ୟର ଗୌରବରେ ପରିଣତ କରିପାରିବ ।ଏହି କାର୍ଯ୍ୟକ୍ରମରେ ୪ଟି ଜିଲ୍ଲାର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତର ସଂପର୍କରେ ନିଜର ମନ କଥା କହିଥିଲେ। ଭାରତୀ ସାହୁ , ସୌମ୍ୟ ଶ୍ରୀ ବଡପଣ୍ଡା ଭାଗ୍ୟ ଲକ୍ଷ୍ମୀ ପ୍ରଧାନ , ସ୍ମରଣିକା ପଟନାୟକ, ଓ ସରସ୍ୱତୀ ସାହୁ ପ୍ରମୁଖ ଛାତ୍ରୀ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ରୂପାନ୍ତର ଆମ ପାଇଁ ସୁଯୋଗ ଆଣିଛି ।ତାର ସଦ୍ ବ୍ୟବହାର କରିବୁ ଓ ମୁଖ୍ୟମନ୍ତ୍ରୀ ଙ୍କ ଲକ୍ଷ୍ୟ ପୂରଣ କରିବୁ ।ଏହାସହିତ ସେମାନଙ୍କ ଜୀବନର ଲକ୍ଷ୍ୟ ସମ୍ପର୍କରେ ମଧ ମୁଖ୍ୟମନ୍ତ୍ରୀ ଙ୍କୁ କହିଥିଲେ ।କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ମନ୍ତ୍ରୀ ଜଗନ୍ନାଥ ସାରକା , ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ବିଧାୟକ .ରାଜେନ୍ଦ୍ର ଢୋଲକିଆ ଓ ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମର ଶିକ୍ଷା କ୍ଷେତ୍ରରେ ଏହା ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ପ୍ରକାଶ କରି ସେମାନେ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାର ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ସଂପର୍କରେ ଭିଡିଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।

## ପୋଲିସ କମିସନରେଟ ରେଡ଼କ୍ରସ୍ ପକ୍ଷରୁ ଭି.ଏସ୍.ଏସ୍ ନଗରରେ ରକ୍ତଦାନ ଶିବିର



ଭୁବନେଶ୍ୱର, (ପି.ଏନ): ପୋଲିସ କମିସନରେଟ ରେଡ଼କ୍ରସ୍ ସହାୟତାରେ ବାବା ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ଭି.ଏସ୍.ଏସ୍ ନଗରର ଦୁର୍ଗାପୂଜା ମଣ୍ଡପରେ ଆଜି ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ମୋଟ ୬୦ ୟୁନିଟ୍ ରକ୍ତ ଦାନ କରାଯାଇଥିବା ବେଳେ ଏହି ଶିବିରକୁ ପୋଲିସ୍ କମିଶନର ତଥା ରେଡ଼କ୍ରସ୍ ଆଞ୍ଚଳିକ ଶାଖାର ଅଧକ୍ଷ ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରୀୟଦର୍ଶୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଏହି ଶିବିରକୁ ଭି.ଏସ୍.ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ପୋଲିସ୍ କମିଶନରେଟ୍ ରେଡ଼କ୍ରସ୍‌ର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ବାବା ଆଖଣ୍ଡଳମଣୀ ଯୁବକ ସଂଘର ସାଧାରଣ ସମ୍ପାଦକ ସଂଜୟ କୁମାର ସ୍ୱାଇଁ ଓ ରେଡକ୍ରସର ଆଜୀବନ ସଦସ୍ୟ ସମରନ ମହାନ୍ତି ପରିଚାଳନା କରିଥିଲେ। ଏହି ଶିବିରରେ ଯୁବକ ସଂଘ ପକ୍ଷରୁ ପୋଲିସ୍ କମିଶନର ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରୀୟଦର୍ଶୀ , ପୋଲିସ୍ କମିଶନରେଟ୍ ରେଡ଼କ୍ରସ୍ ଯୁଗ୍ମ ସମ୍ପାଦକ ଏ.ସି.ପି ଲଳିତେନ୍ଦୁ ମହାନ୍ତି, ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଡ ଦେବାଶିଷ ମିଶ୍ର, ଦୁର୍ଗାପୂଜା ସମିତିର ସଭାପତି ଆର୍ତ୍ତତ୍ରାଣ ଦଳାଇ, ସାଧାରଣ ସମ୍ପାଦକ ଶିତଳଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ମହେଶ୍ୱର ବିଶ୍ୱାଳ, ହାଟ କମିଟିର ସଭାପତି ଲକ୍ଷ୍ମଣ ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ସମାଜସେବୀ ଗଗନ ବିହାରୀ ଓ ପ୍ରସନ୍ନ ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ରକ୍ତଦାନ ଶିବିରରେ ଯୁବକ ସଂଘର ସଭାପତି ବରୁଣ ସାହୁ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମନୋଜ କୁମାର ସାହୁ, ଜିତେନ୍ଦ୍ର ହାସଦା, ନିରନ ବେହେରା, ସୁଶାନ୍ତ କୁମାର ସାହୁ, ସୁସମ୍ମିତ୍ ସ୍ୱାଇଁ , ଜ୍ଞାନରନ ବେହେରା, ବିଶ୍ୱଜିତ ବେହେରା, ସମ୍ମିତ ବେହେରା, ଦେବାଶିଷ ଜେନା, ସତ୍ୟସୁର୍ଯ୍ୟ ପାଳ ଓ ମୋହନ ରାଓ ପ୍ରମୁଖ ସହଯୋଗ କରିଥିବା ବେଳେ ଉନ୍ନୟନ ପରିଷଦର ଉପ-ସଭାପତି ଡ ଜୟନ୍ତ ପରିଡା, ଦୁର୍ଗାପୁଜା କମିଟିର ଯୁଗ୍ମ-ସମ୍ପାଦକ ନବୀନ କିଶୋର ଭୁକ୍ତା ଓ ରାମଚନ୍ଦ୍ର ସାମଲ, ଇଂ.ନଳିନୀ କୁମାର ମହାନ୍ତି, ଧୀରେନ୍ଦ୍ର କୁମାର ମହାନ୍ତି ଓ ନିତ୍ୟରନ ନନ୍ଦ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

## ରାଜ୍ୟ ନିଶ୍ଚିତ କର୍ମନିଯୁକ୍ତି ପରିଷଦର ସପ୍ତମ ବୈଠକ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ନିଶ୍ଚିତ କର୍ମ ନିଯୁକ୍ତି ପରିଷଦର ସପ୍ତମ ବୈଠକ ମଙ୍ଗଳବାର ଲୋକ ସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ପଂଚାୟତି ରାଜ ଓ ପାନୀୟ ଜଳ, ଆଇନ ,ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ଜେନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଫୋକସ୍ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରିତା କ୍ଷେତ୍ରରେ ସ୍ୱଚ୍ଛତା ଓ ଉତର ଦାୟିତ୍ୱ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବୈଠକ ବିବରଣୀରୁ ପ୍ରକାଶ ଯେ ୨୦୨୧-୨୨ ଆର୍ଥିକ ବର୍ଷର ସଫଳତା ଗତ ୨୦୨୦-୨୧ ବର୍ଷ ତୁଳନାରେ ଯଥେଷ୍ଟ ଉର୍ଦ୍ଧ୍ୱରେ ଅଛି। ତାହାଛଡା ଚଳିତ ବର୍ଷ ରାଜ୍ୟର ସଫଳତା ପ୍ରକାଶ ଦେଶର ୧୦ ଶୀର୍ଷ ପ୍ରଦର୍ଶନକାରୀ ରାଜ୍ୟ ମାନଙ୍କ ମଧ୍ୟରେ ସ୍ଥାନ ବଜାୟ ରଖିଅଛି । ୧୪.୬ କୋଟି ଶ୍ରମ ଦିବସ ସୃଷ୍ଟି ସହିତ ସପ୍ତମ ସ୍ଥାନ, ୧୦୦ ଦିନରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ପରିବାରରେ ଦିତୀୟ ସ୍ଥାନ, ପ୍ରତି ପରିବାର ପିଛା ହାରାହାରି କାର୍ଯ୍ୟ ଦିବସ ରେ ଦ୍ୱିତୀୟ ସ୍ଥାନ, ଉଚିତ ସମୟରେ ଶ୍ରମିକ ମାନଙ୍କୁ ଦେୟ ପ୍ରଦାନରେ ଅଷ୍ଟମ ସ୍ଥାନ, ଜିଓ-ମନରେଗା ରେ ସପ୍ତମ ସ୍ଥାନ ଓ ଗ୍ରାମ ପଂଚାୟତ ଜିଆଇଏସ ପ୍ଲାନ ରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ରାଜ୍ୟର ୨୦ ଦାଦନ ପ୍ରବଣ ବ୍ଲକ ଗୁଡିକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜବକାର୍ଡଧାରୀ ମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଜ୍ଞାପିତ ମଜୁରି ଦର ଉପରେ ଅତିରିକ୍ତ ମଜୁରି ପ୍ରଦାନ କରି ଏହାକୁ ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଅଧିନିୟମ ରେ ଧାର୍ଯ୍ୟ ହୋଇଥିବା ୧୦୦ ଦିନର ନିଶ୍ଚିତ କର୍ମନିଯୁକ୍ତି ବ୍ୟତିରେକ ଅତିରିକ୍ତ ୨୦୦ ଦିନର କର୍ମ ନିଯୁକ୍ତି ପ୍ରଦାନ କରାଯାଉଛି। ଉକ୍ତ ୨୦୦ ଦିନ ନିମନ୍ତେ ଜବକାର୍ଡଧାରୀ ମାନଙ୍କୁ ତାଙ୍କର ଦୈନିକ ମଜୁରି ରାଜ୍ୟର ଅଣକୁଶଳୀ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଜ୍ଞାପିତ ସର୍ବନିମ୍ନ ମଜୁରି ହାରରେ ପ୍ରଦାନ କରାଯାଉଛି। ସେହିପରି ଫୋକସ କ୍ରିୟାକଳାପ ମଧ୍ୟରେ ଲାଇନ ବିଭାଗ ଗୁଡିକ ସହ ପ୍ରଭାବୀ ଏକାଭିମୁଖିକରଣ ମାଧ୍ୟମରେ ଚଳିତ ବର୍ଷ ୩୬୫୬ କୋଟି ଟଙ୍କାର କାର୍ଯ୍ୟ ଯୋଜନା ଅନୁମୋଦନ କରାଯାଇଅଛି। ଉକ୍ତ ପଦକ୍ଷେପ ଯୋଗୁଁ ୭୪୭.୮୮ କୋଟି ଟଙ୍କା ଖର୍ଚ୍ଚ କରାଯାଇ ୨.୮୯ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ଉଦ୍ୟାନ କୃଷି ୨୧୧୧୫ ହେକ୍ଟର,ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ୨୫୧୫୫ ହେକ୍ଟର ବନୀକରଣ ଓ ୬୦୬୬୩ ଫାର୍ମ ପୋଖରୀ କରାଯିବା ନିମନ୍ତେ ପଦକ୍ଷେପ ହାତକୁ ନିଆଯାଇ ଗରିବ ପରିବାରଙ୍କର ଜୀବିକା ସୁରକ୍ଷାକୁ ସୁଦୃଢ କରାଯାଇଅଛି । ରାଜ୍ୟରେ ପକାଘର ନଥିବା ଅଙ୍ଗନବାଡି କେନ୍ଦ୍ରଗୁଡିକ ପାଇଁ ପକାଘର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତିରେ ଗ୍ରହଣ କରାଯିବ । ରାଜ୍ୟ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ ନିମନ୍ତେ ସ୍ୱଚ୍ଛତା ଓ ଉତରଦାୟିତ୍ୱ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ସ୍ୱଚ୍ଛତା ଓ ଉତରଦାୟିତ୍ୱ ବଜାୟ ରଖିବା ପାଇଁ ଏରିଆ ଅଫିସର ଆପ୍, ନ୍ୟାସନାଲ୍ ମୋବାଇଲ୍ ମନିଟରିଂ ସିଷ୍ଟମ୍, ଜିଆଇଏସ ଆଧାରିତ ଯୋଜନା, ସମ୍ପତିର ଜିଓ ଟ୍ୟାଗିଂ, ଆଧାର ସିଡିଙ୍ଗ, ଆଧାର ଆଧାରିତ ପେମେଂଟ ବ୍ୟବସ୍ଥା (ଏବିପିଏସ୍)ର ଉପଯୋଗ ସହ ସାମାଜିକ ସମୀକ୍ଷା ଏବଂ ଅମ୍ବୁଡ୍ସପର୍ସନଙ୍କ କାର୍ଯ୍ୟକୁ ପ୍ରାଥମିକତା ଦିଆଯାଉଛି। ଉକ୍ତ ବୈଠକରେ ଉନ୍ନୟନ କମିଶନର ପ୍ରଦିପ୍ ଜେନାଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ , ଶାସନ ସଚିବ , ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଏବଂ ସଦସ୍ୟ ଭାବେ ଜିଲ୍ଲାପରିଷଦ ଅଧକ୍ଷ , ପଂଚାୟତସିତି ଚେୟାରମ୍ୟାନ, ସରପଂଚ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ବିଭିନ୍ନ ସଫଳତାର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ ।

## ମଦମୁକ୍ତ ଯୁବ ବାହିନୀର ନିଶା ବିରୋଧୀ ଶୋଭାଯାତ୍ରା

କେନ୍ଦ୍ରାପଡ଼ା,(ପି.ଏନ): ରାଜ୍ୟ ସରକାର ରାଜସ୍ୱ ଆଳରେ ଏକ ପକ୍ଷରେ ନିଶା ପ୍ରସାର ନୀତି ଆପଣେଇ ଥିବା ବେଳେ ଓଡିଶାକୁ ନିଶାମୁକ୍ତ କରିବାର ଦାବି ନେଇ କେନ୍ଦ୍ରାପଡା ସହରରେ ପଥପ୍ରାନ୍ତ ସଭା ଓ ଶୋଭାଯାତ୍ରା ସଂଗଠିତ ହୋଇଯାଇଛି। ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଗାନ୍ଧିବାଦୀ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ୧୨୧ତମ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ମଦମୁକ୍ତ ଯୁବ ବାହିନୀ ପକ୍ଷରୁ ସମଗ୍ର ରାଜ୍ୟରେ ହେଉଥିବା ଜନଚେତନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କେନ୍ଦ୍ରାପଡା ସହରରେ ଏହା ସଂଗଠିତ କରାଯାଇଥିଲା। ସଂଗଠନର ଯୁବକମାନେ ସହରର ତିନିମୁହାଣି ବଜାରରୁ ନିଶା ନିବାରଣ ସପକ୍ଷରେ ନାରାବାଜି କରି ସହର ପରିକ୍ରମା କରିବା ପରେ ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରେ ମଦମୁକ୍ତ ଯୁବ ବାହିନୀ ଜିଲ୍ଲା ସଂଯୋଜକ ସ୍ମୃତିରଞ୍ଜନ ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସଞ୍ଜୟ କୁମାର ସ୍ୱାଇଁ, ଅମରେନ୍ଦ୍ର ଦାସ, ନିରୋଦ ରଞ୍ଜନ ଜେନା, ଗଣେଶ ପରିଡା ପ୍ରମୁଖ ଯୁବ ସମାଜକୁ ପଥଭ୍ରଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ସରକାରଙ୍କ ନିଶା ପ୍ରସାର ନୀତିକୁ କଟୁ ସମାଲୋଚନା କରିବା ସହ ନବବାବୁଙ୍କ ଦ୍ୱାରା ପ୍ରଣୀତ ୧୯୫୬- ନିଶା ନିବାରଣ ଆଇନକୁ ରାଜ୍ୟରେ ତୁରନ୍ତ କାର୍ଯ୍ୟକାରୀ କରି ଓଡିଶାକୁ ନିଶାମୁକ୍ତ ରାଜ୍ୟ ଭାବେ ଘୋଷଣା କରିବାକୁ ଦାବି କରିଥିଲେ। ନିଶାମୁକ୍ତ ଅଭିଯାନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳ, ପଦ୍ମନାଭ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିଲ୍ଲୀ ଚଲୋ ଅଭିଯାନ ସତ୍ୟାଗ୍ରହ ସଂଗଠନ ପକ୍ଷରୁ ଜର୍ସି ଉନ୍ମୋଚନ

କେନ୍ଦ୍ରାପଡ଼ା,(ପି.ଏନ):ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଏବଂ ପ୍ରବାଦ ପୁରୁଷ ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସନ୍ତା ଡିସେମ୍ବରମାସ ୩ତାରିଖରେ ଦିଲ୍ଲୀର ଯନ୍ତରମନ୍ତର ଠାରେ ଦିଲ୍ଲୀ ଚଲୋ ଅଭିଯାନ ସତ୍ୟାଗ୍ରହ ସଂଗଠନର ମୁଖ୍ୟ ସତ୍ୟବ୍ରତ ଦାସଙ୍କ ନେତୃତ୍ୱରେ ଏକ ଗଣଧାରଣା ଦିଆଯିବ। ଏଥିନିମନ୍ତେ ସୋମବାର ସନ୍ଧ୍ୟାରେ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ସଂଗଠନ ପକ୍ଷରୁ ଏକ ଜର୍ସି ଉନ୍ମୋଚନ କରାଯାଇଥିଲା। ଏହି ଜର୍ସିକୁ ପିନ୍ଧି ଓଡିଶାର ନେତୃତ୍ୱ ନେଉଥିବା ଆଗଧାଡିର ବଛା ବଛା ସମାଜସେବୀମାନେ ଦିଲ୍ଲୀ ଯାଇ ଯନ୍ତରମନ୍ତର ଠାରେ ଗଣଧାରଣାରେ ଯୋଗଦେବେ। ଏହି ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ ଜର୍ସିକୁ ଉନ୍ମୋଚନ କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ପହଞ୍ଚି କେନ୍ଦ୍ରାପଡାରୁ ସଂଗଠନର ନେତୃତ୍ୱ ନେଉଥିବା ସମାଜସେବୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟାଗ୍ରହ ସଂଗଠନର ରାଜ୍ୟ ସଭାପତି ସତ୍ୟବ୍ରତ ଦାସ, ବ୍ରହ୍ମପୁର ସଂଗଠନ ମୁଖ୍ୟ ଅଜିତ କୁମାର ପାତ୍ର, ନବରଙ୍ଗପୁର ମୁଖ୍ୟ ସୁମିତ ପୂଜାରୀ, କେନ୍ଦ୍ରାପଡା ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ ଦାସ, ରଞ୍ଜନ ସାହୁ,କେନ୍ଦ୍ରାପଡା ସଂଗଠନ ମୁଖ୍ୟ ମହେଶ ପାଢୀ, ରଞ୍ଜନ କର, ବିଶ୍ୱରଞ୍ଜନ ଦାସ, ଆକାଶ ଦାସ, ପ୍ରଫୁଲ୍ଲ ସାହୁ, ଦିଲ୍ଲିପ ସାହୁ, ଦୀନବନ୍ଧୁ ନାୟକ, ରାଧାକାନ୍ତ ମହାନ୍ତି, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବରମାସ ୩ତାରିଖରୁ ଦିଲ୍ଲୀର ଯନ୍ତରମନ୍ତର ଠାରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଚାଲିବ ବୋଲି ସଂଗଠନର ମୁଖ୍ୟ ସତ୍ୟବ୍ରତ ଦାସ କହିଛନ୍ତି।

## ଜିଲ୍ଲା ପରିଷଦ ସଭ୍ୟ, ସରପଂଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବର ସଂରକ୍ଷଣ ତାଲିକା ପ୍ରକାଶ

ଭୁବନେଶ୍ୱର, (ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ୨୦୨୨ ଲାଗି ବିଭିନ୍ନ ଜିଲ୍ଲାରୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳମାନେ ଜିଲ୍ଲାରେ ଥିବା ସରପଂଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବରଙ୍କ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ରାଜ୍ୟ ନିର୍ବାଚନ କମିଶନରକୁ ପ୍ରଦାନ କରିଛନ୍ତି । ସେହିପରି ଜିଲ୍ଲାୱାରୀ ଜିଲ୍ଲା ପରିଷଦ ସଭ୍ୟ ସଂରକ୍ଷଣ ତାଲିକା ପଂଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟର ମୋଟ ୮୫୩ ଜିଲ୍ଲା ପରିଷଦ ସଭ୍ୟ ପଦ ମଧ୍ୟରୁ ଅନୁସୂଚିତ ଜାତି ବର୍ଗଙ୍କ ଲାଗି ୬୪ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି ମହିଳାଙ୍କ ଲାଗି ୮୪ଟି ସ୍ଥାନ ସଂରକ୍ଷିତ ରହିଛି । ସେହିଭଳି ଅନୁସୂଚିତ ଜନଜାତି ବର୍ଗଙ୍କ ଲାଗି ୧୦୦ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ୧୧୮ଟି ସ୍ଥାନ ସଂରକ୍ଷିତ ରହିଛି। ପଛୁଆ ବର୍ଗଙ୍କ ଲାଗି ୪୯ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ପଛୁଆବର୍ଗ ମହିଳାଙ୍କ ଲାଗି ୫୫ଟି ସ୍ଥାନ ସଂରକ୍ଷିତ ରହିଛି। ଅଣ ସଂରକ୍ଷିତ ବର୍ଗରେ ୨୦୭ଟି ସ୍ଥାନ ଏବଂ ମହିଳାଙ୍କ ଲାଗି ୧୭୬ଟି ସ୍ଥାନ ସଂରକ୍ଷିତ ରହିଛି । ରାଜ୍ୟର ମୋଟ ୬୭୯୪ ଗୋଟି ସରପଂଚ ପଦ ମଧ୍ୟରୁ ୪୨୬ ଗୋଟି ଅନୁସୂଚିତ ଜାତି ଓ ୫୨୫ ଗୋଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ଅନୁସୂଚିତ ଜନଜାତିଙ୍କ ଲାଗି ୧୨୩୭ଟି ସ୍ଥାନ ସଂରକ୍ଷିତ ଥିବା ବେଳେ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ୧୩୭୬ଟି ସଂଖ୍ୟକ ସରପଂଚ ସ୍ଥାନ ସଂରକ୍ଷିତ ରହିଛି। ପଛୁଆବର୍ଗଙ୍କ ଲାଗି ୩୪୯ ଏବଂ ପଛୁଆବର୍ଗ ମହିଳାଙ୍କ ଲାଗି ୪୨୯ଟି ସରପଂଚ ସ୍ଥାନ ସଂରକ୍ଷିତ ରହିଛି। ଅଣ ସଂରକ୍ଷିତ ବର୍ଗରେ ୧୨୮୨ ଏବଂ ମହିଳାଙ୍କ ପାଇଁ ୧୧୭୦ଟି ସ୍ଥାନ ସଂରକ୍ଷିତ ରହିଛି। ୬୭୯୩ ଗୋଟି ସମିତି ସଭ୍ୟ ମଧ୍ୟରୁ ଅନୁସୂଚିତ ଜାତି ବର୍ଗରେ ୫୧୫ଟି ସ୍ଥାନ ସଂରକ୍ଷିତ ଥିବା ବେଳେ ଅନୁସୂଚିତ ଜାତି ମହିଳା ବର୍ଗରେ ୬୮୨ଟି ସ୍ଥାନ ସଂରକ୍ଷିତ ରହିଛି । ଅନୁସୂଚିତ ଜନଜାତି ବର୍ଗରେ ୮୨୪ଟି ସ୍ଥାନ ସଂରକ୍ଷିତ ଥିବା ବେଳେ ଅନୁସୂଚିତ ଜନଜାତି ମହିଳା ବର୍ଗରେ ୧୦୩୩ଟି ସ୍ଥାନ ସଂରକ୍ଷିତ ରହିଛି। ପଛୁଆ ବର୍ଗଙ୍କ ଲାଗି ୩୯୫ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ପଛୁଆ ବର୍ଗ ମହିଳାଙ୍କ ଲାଗି ୫୧୮ଟି ସ୍ଥାନ ସଂରକ୍ଷିତ ରହିଛି । ଅଣ ସଂରକ୍ଷିତ ବର୍ଗରେ ୧୫୨୧ଟି ସ୍ଥାନ ରହିଥିବା ବେଳେ ମହିଳାଙ୍କ ଲାଗି ୧୩୦୫ଟି ସ୍ଥାନ ସଂରକ୍ଷିତ ରହିଛି । ୯୧୯୧୬ଟି ୱାର୍ଡମେମ୍ବର ମଧ୍ୟରୁ ଅନୁସୂଚିତ ଜାତିଙ୍କ ଲାଗି ୬୩୩୬ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି ମହିଳାଙ୍କ ଲାଗି ୧୦୧୩୪ଟି ସ୍ଥାନ ସଂରକ୍ଷିତ ରହିଛି। ଅନୁସୂଚିତ ଜନଜାତିଙ୍କ ଲାଗି ୧୦୫୫୯ଟି ସ୍ଥାନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ୧୪୨୩୬ ସ୍ଥାନ ସଂରକ୍ଷିତ ରହିଛି ।

## ଆକସ୍ମିକ ଅଗ୍ନିକାଣ୍ଡରେ ଅମଣିଆ ଭୋଗଦୋକାନ ପୋଡିଗଲା

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଇଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ଥିବା ସୌରାନନ୍ଦ ସାହୁଙ୍କ ଅମଣିଆ ଭୋଗ ଦୋକାନଟି ସୋମବାର ସକାଳେ ଆକସ୍ମିକ ଅଗ୍ନିକାଣ୍ଡରେ ପୋଡିଯାଇଥିବା ଜଣାପଡିଛି। ଦୋକାନି ଶ୍ରୀ ସାହୁ ପୋଟଳୀ ପିଠା କରିବାକୁ ଚୂଲିରେ ବସାଇଥିବା ତେଲ କଡେଇଟିରେ ହଠାତ ନିଆଁ ଧରି ତାହା ଉପରକୁ ଉଠି ଯାଇଥିଲା। ଫଳରେ ସମଗ୍ର ଦୋକାନଟି ନିଆଁରେ ପୋଡିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୩୮୧ ହେଲା

ଭୁବନେଶ୍ୱର, (ପି.ଏ) : ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୩୮୧ ହୋଇ ଯାଇଛି ।ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ ୧-୧ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ। ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ରନ୍ଧନ ଗ୍ୟାସ ଦରବୃଦ୍ଧି ବିରୁଦ୍ଧରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ



ଖଣ୍ଡପଡା,(ପି.ଏନ): ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ବିରୁଦ୍ଧରେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜୁ ମହିଳା, ଯୁବ ଏବଂ ଛାତ୍ର ଜନତା ଦଳ ପକ୍ଷରୁ ସୋମବାର ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କେନ୍ଦ୍ର ସରକାରଙ୍କର ଜନମାରଣ ନୀତି ଯୋଗୁଁ ରନ୍ଧନ ଗ୍ୟାସ ଦର ୯ଶହ ଟଙ୍କା ଅତିକ୍ରମ କରିଥିବା ବେଳେ ହାଣ୍ଡିଶାଳ ଉପରେ ବୋଝସୃଷ୍ଟି ହୋଇଥିବା ଦଳ ଅଭିଯୋଗ କରିଛି । ରନ୍ଧନ ଗ୍ୟାସ ଦରବୃଦ୍ଧି, ଉଜ୍ଜ୍ୱଳା ଯୋଜନାର ବିଫଳତା ନେଇ ଦଳ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି । ସହରାଂଚଳ ଅଧିନ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଓ ଖଣ୍ଡପଡା ବ୍ଲକ ପରିସରରେ ଦରବୃଦ୍ଧିକୁ ନେଇ ବିଜେଡି ନାରାବାଜି କରିଥିବା ଜଣାଯାଇଛି । ବ୍ଲକ ବିଜେଡି ସଭାପତି ଶୁସାନ୍ତ କୁମାର ମିଶ୍ରଙ୍କ ନେତୃତ୍ୱର ଆୟୋଜିତ ପ୍ରତିବାଦ ସଭାରେ ବ୍ଲକ ଯୁବ ବିଜେଡି ସଭାପତି ମନୋରଂଜନ ବେହେରା, ଛାତ୍ର ବିଜେଡି ସଭାପତି ବିଦ୍ୟାରଂଜନ ପଣ୍ଡା, ମହିଳା ସଭାପତି ବୀଣାପାଣି ବେହେରା ସମେତ ୨୨ଟି ପଂଚାୟତରୁ ଆସିଥିବା ଯୁବ, ଛାତ୍ର ତଥା ମହିଳା ଶାଖାର ଛାମୁଆ କର୍ମୀ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ କେନ୍ଦ୍ର ସରକାର ପେଟ୍ରୋଲ ଓ ଡ଼ିଜେଲ ଦର ହ୍ରାସ କରିବା ପରେ ଗ୍ୟାସ ଦର କମାଇବା ପାଇଁ ଦଳ ଚେତାବନୀ ଦେଇ ଆନ୍ଦୋଳନକୁ ୧୦ ଦିନ ପାଇଁ ସ୍ଥଗିତ ରଖିଥିବା ଜଣାପଡିଛି । ଦଳ ପକ୍ଷରୁ ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ଅରୁଣୀମା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ନଗର ବିଜେଡି ସଭାପତି ତଥା ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶଙ୍କ ନେତୃତ୍ୱର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ତେବେ ବିକ୍ଷୋଭ କାର୍ଯ୍ୟକ୍ରମରେ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା ।

## ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ବିଜେଡିର ଏକ ମିଶ୍ରଣ ପର୍ବ ଜାରକା(ନୂଆଗାଁ)ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନୀତିଆଦର୍ଶ ଓ ଧର୍ମଶାଳା ବିଧାୟକଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଜାରକା ପଞ୍ଚାୟତର ବହୁ ଛାମୁଆ ବିଜେପି କର୍ମୀ ଦଳ ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଥିଲେ । ବିଜେପି ସଙ୍ଗଠକ ବାବନ ଚରଣ ମହାନ୍ତି, ଜଟାଧାରୀ ମଲିକ, ସୟ କୁମାର ରଥ, କୃଷ୍ଣଚନ୍ଦ୍ର ମଲିକ, ସୁକାନ୍ତ ବେହେରା, ବିନୋଦ ଖଟୁଆ, ଆଶୁତୋଷ ମିଶ୍ର, ସୟ ପ୍ରଧାନ, ସୁଦାମ ଚରଣ ବେହେରା ପ୍ରମୁଖ ନବାଗତ କର୍ମୀମାନଙ୍କୁ ଧର୍ମଶାଳା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ପ୍ରଣବ କୁମାର ବଳବନ୍ତରାୟ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ଜାରକା ପଞ୍ଚାୟତର ବିଜେଡି ସଭାପତି ତଥା ସମିତିସଭ୍ୟ ସୁଦାମ ଚରଣ ବେହେରା, ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, ଯୁବନେତା ପ୍ରତାପ କୁମାର ପ୍ରଧାନ, ଅମରେନ୍ଦ୍ର ରାଉତ, ବାମନ ଚରଣ ସାହୁ, ବାବୁ ପ୍ରଧାନ, ଗଙ୍ଗାଧର ମହାନ୍ତି, ନବ ପ୍ରଧାନ ପ୍ରଭୃତି ଏହି ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ ।

# ଜମାତ୍-ଇ-ଇସ୍‌ଲାମି ହିନ୍ଦ୍ ପକ୍ଷରୁ ଶିକ୍ଷକମାନଙ୍କ ପାଇଁ ଦକ୍ଷତା ତାଲିମ୍ ଶିବିର ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ):ଶିକ୍ଷକମାନଙ୍କର ନୂତନ ଜ୍ଞାନକୌଶଳ ଓ ଦକ୍ଷତା ବୃଦ୍ଧି, ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଉତମ ସମ୍ପର୍କ ଗଠନ ସହ ଶିକ୍ଷା କ୍ଷେତ୍ରରେ ନୂତନ ଆହ୍ୱାନ ପାଇଁ ଏକ ଦକ୍ଷତା ତାଲିମ୍ ଶିବିର ଭୁବନେଶ୍ୱରର ପଟିଆସ୍ଥିତ ଜମାତ୍ - ଇ-ଇସଲାମି ହିନ୍ଦ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଅଲ୍ ଇଣ୍ଡିଆ ଆଇଡଲ୍ ଟିଚର୍ସ ଆସୋସିଏସନ୍‌ର ଜାତୀୟ ସଭାପତି ଅବଦୁଲ୍ ରହିମ୍‌ଙ୍କ ସଭାପତିତ୍ୱରେ ଆୟୋଜିତ ଶିକ୍ଷକମାନଙ୍କର ଏହି ଦକ୍ଷତା ତାଲିମ୍ ଶିବିରରେ ଜମାତ୍ ଇ ଇସଲାମି ହିନ୍ଦ୍ ଭୁବନେଶ୍ୱରର ରାଜ୍ୟ ସଂଯୋଜକ ସଫଦର୍ ହାସିମ୍ ଉପସ୍ଥିତ ରହି ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଯୋଗୁଁ ଶିକ୍ଷକମାନେ ନୂତନ ଜ୍ଞାନକୌଶଳ ବୃଦ୍ଧି ସହ ଛାତ୍ରଛାତ୍ରୀମାନଙ୍କ ମାନସିକ ସ୍ତରରେ ବିକାଶରେ ବୃଦ୍ଧି ଘଟିବ । ସାରା ଦେଶରେ ଏହି ଆସୋସିଏସନ୍ ସହିତ ୧୦ହଜାର ସଭ୍ୟ ଜଡିତ ରହିଛନ୍ତି । ଏହି ଆସୋସିଏସନ୍ ପକ୍ଷରୁ ବିଭିନ୍ନ ସମୟରେ ଏହିଭଳି ତାଲିମ୍ ପ୍ରଦାନ କରାଯାଉଛି ବୋଲି ସୂଚନା ଦେଇ କହିଛି ଆସୋସିଏସନ୍ ।

# ଧର୍ମଶାଳା କପ୍ ଫୁଟ୍‌ବଲ୍, କଟକ ଚାମ୍ପିଅନ୍




ଧର୍ମଶାଳା,(ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ସପ୍ତମ ବାର୍ଷିକ ଫୁଟ୍‌ବଲ୍ କପ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ୍ ମ୍ୟାଚ୍‌ରେ ରାଜକନିକା ଆଥଲେଟିକ୍ ଆସୋସିଏସନ୍‌କୁ ୫-୪ ଗୋଲ୍‌ରେ ପରାସ୍ତ କରି କଟକର ଅଲଟିମେଟ୍ ଚାମ୍ପିଅନ୍ ଚଳିତ ବର୍ଷର ଚାମ୍ପିଅନ୍ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ହୋଇ ପାରିନଥିଲା । ଟାଏବ୍ରେକର ମାଧ୍ୟମରେ କଟକ ଟିମ୍ ବିଜୟୀ ହୋଇଥିଲା । ଖେଳକୁ ରେଫରି ଅଭିଷେକ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଉତ୍ତମ ବାରିକ ଓ ସୁଶାନ୍ତ ମିଶ୍ର ଲାଇନ୍‌ରେ ସହାୟତା କରିଥିଲେ । ଆୟୋଜକ ଧର୍ମଶାଳା ସ୍ପୋର୍ଟସ୍ ଏକାଡ଼େମୀ ସଭାପତି ଆଲୋକ କୁମାର କରଙ୍କ ସଭାପତିତ୍ୱରେ ପରିଚାଳିତ ଉଦ୍‌ଯାପନୀ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଓ ଚହଟା ପଞ୍ଚାୟତ ବିଜେଡି ସଭାପତି ସୁଦୀପ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ । ଏହି ଅବସରରେ ଧର୍ମଶାଳା ଅଂଚଳର ଭେଟେରାନ୍ ଖେଳାଳି ବିପିନ ବିହାରୀ ନାୟକ, ପ୍ରଦୀପ୍ତ ସ୍ୱାଇଁ, ଇନ୍ଦ୍ରମଣି ନାୟକ, ଗୁଲାମ୍ ଗସ୍ ଓ ଶୀତିକାନ୍ତ ମହାପାତ୍ର, ସାମ୍ବାଦିକ ପରେଶ କୁମାର ନାୟକ, ନିଟ୍ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ସ୍ଥାନୀୟ ଚୋରମୁହାଁ ଗ୍ରାମର ଦୁଇଭାଇ ଆଶୁତୋଷ ମହାନ୍ତି ଓ ଅବିନାଶ ମହାନ୍ତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କ୍ରୀଡାବିତ୍ ସରୋଜ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଂପାଦକ ଅୟସକାନ୍ତ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ କରିଥିଲେ । ସଦସ୍ୟ ସୁମନ ଦାସ, ଗଣେଶ୍ୱର ପରିଡା, ବିଭୁ ଜେନା, ରୁଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ । ସହସଂପାଦକ ସରୋଜ ନାୟକ ଧନ୍ୟବାଦ ଦେଇଥିଲେ ।

# ପିସିସି କର୍ମକର୍ତ୍ତାଙ୍କୁ ଜିଲ୍ଲା ଦାୟୀତ୍ୱ ବଣ୍ଟନ

ଭୁବନେଶ୍ୱର,(ପି.ଏନ): ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ କଂଗ୍ରେସ ସଂଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ ପ୍ରଦେଶ କଂଗ୍ରେସ କମିଟିର ଉପ-ସଭାପତି (ଉ.ସ.), ସାଧାରଣ ସଂପାଦକ (ସା.ସ.), କାର୍ଯ୍ୟକାରୀ କମିଟି ସଦସ୍ୟ ଓ ସଂପାଦକ (ସଂ) ମାନଙ୍କ ମଧ୍ୟରେ ଜିଲ୍ଲା ଦାୟୀତ୍ୱ ବଂଟନ କରିଛନ୍ତି । ଏହି କ୍ରମରେ ଅନୁଗୁଳ ଜିଲ୍ଲା ନିମନ୍ତେ ସାଧାରଣ ସଂପାଦକ ବିଶ୍ୱଭୂଷଣ ଦାସ ଓ ସଂପାଦକ ସୁରେଶ ପାଣିଗ୍ରାହୀଙ୍କୁ ଦାୟୀତ୍ୱ ଦିଆଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲା ନିମନ୍ତେ ସା.ସ ଅଶୋକ କୁମାର ଦାସ ଓ ସଂ. ମନୋଜ କୁମାର ବିଶ୍ୱାଳ, ବରଗଡ଼-ସା.ସ. ରାଜକିଶୋର ଷଡ଼ଙ୍ଗୀ ଓ ସଂ. ମାନସ ଆଚାର୍ଯ୍ୟ, ଭଦ୍ରକ -ସତ୍ୟଶିବ ଦାସ, ସଂ. ସଗ୍ରାମ କେଶରୀ ଦାସ, ଭୁବନେଶ୍ୱର- ଉ.ସ. ଗଣେଶ୍ୱର ବେହେରା ଓ ସଂ. ଶାନ୍ତାୟନ ମିଶ୍ର, ବଲାଙ୍ଗିର-କାର୍ଯ୍ୟକାରୀ କମିଟି ସଭ୍ୟ ସତ୍ୟଭୂଷଣ ସାହୁ ଓ ସଂ. ସୀମାଂଚଳ ଉଲ୍ଲାକା, ବୌଦ୍ଧ - ସା.ସ. ଆଶଫ ଅଲ୍ଲି ଖାନ ଓ ସଂ ସୂର୍ଯ୍ୟକାନ୍ତି ବାଗ ଏବଂ ସଂ. ଗୌର ନାୟକ, କଟକ- ସା.ସ. ସତ୍ୟପ୍ରକାଶ ନାୟକ ଓ ସଂ. ଉମେଶ ଜେନା ଏବଂ ସଂ. ପ୍ରତିମା ମଲ୍ଲିକ, କଟକ ନଗର- ଉ.ସ. ଯଜ୍ଞେଶ୍ୱର ବାବୁ ଓ ସଂ. ଶ୍ରୀୟା ମହାନ୍ତି, ଦେଓଗଡ଼- ଉ.ସ. ରତ୍ନମଣି ଉଲ୍ଲାକା ଓ ସଂ. ଦୁର୍ଗା ପାଢ଼ୀ, ଢ଼େଙ୍କାନାଳ- ଉ.ସ. ସୁରେଶ ମହାପାତ୍ର ଓ ସଂ. ବିଜୟାନନ୍ଦ ଚାଉଳିଆ, ଗଜପତି - ସା.ସ . ଲଳାଟେନ୍ଦୁ ମହାପାତ୍ର ଓ ସଂ. ନଳିନୀ ସ୍ୱାଇଁ, ଗାମ-(ବ୍ରହ୍ମପୁର ଲୋକସଭା)- ଉ.ସ. ଶିବାନନ୍ଦ ରାୟ ଓ ସଂ. ଲିଙ୍ଗରାଜ ସାହୁ, (ଆସ୍କା ଲୋକସଭା) - ସା.ସ. କିଶୋର ଜେନା ଓ ସଂ. କୈଳାସ ମୁଖି ଏବଂ ହେମରାଜ ବାଗ, ଜଗତସିଂହପୁର- ଉ.ସ. ଭୂଜବଳ ମାଝୀ ଓ ସଂ. ମନୋଜ ସାହୁ, ଯାଜପୁର- ସା.ସ. ରଜତ ଚୌଧୁରୀ ଓ ସଂ. ନସିର ଅହମ୍ମଦ ଖାନ, ଝାରସୁଗୁଡ଼ା - ସଂ. ସସ୍ମିତା ଦେହୁରୀ ଓ ସଂ ଦୁଲାଲ ଚନ୍ଦ୍ର ପ୍ରଧାନ, କଳହାଣ୍ଡି - ସା.ସ. ସମରେନ୍ଦ୍ର ମିଶ୍ର ଓ ସଂ. ମୁକେଶ ଜେନ, କନ୍ଧମାଳ- ସା.ସ. ବିସ୍ମୟ ମହାପାତ୍ର ଓ ସଂ. ହୁସେନ ଖାନ, କେନ୍ଦ୍ରାପଡ଼ା- କାର୍ଯ୍ୟକାରୀ କମିଟି ସଦସ୍ୟ ପଂଚାନନ କାନୁନଗୋ ଓ ସଂ. ବିପ୍ଳବ ଚୌଧୁରୀ, କେନ୍ଦୁଝର- ଉ.ସ. ସରସ୍ୱତୀ ହେମ୍ବ୍ରମ ଓ ସଂ ସନ୍ତୋଷ ନନ୍ଦ ଏବଂ ସଂ. ସମ୍ଭୁନାଥ ପାଣିଗ୍ରାହୀ, ଖୋର୍ଦ୍ଧା - ସା.ସ. ରବି ରାୟ, ଓ ସଂ. ଦରିଦ୍ର ନାରାୟଣ ନାୟକ, କୋରାପୁଟ- ଉ.ସ. ଦେବାଶିଷ ପଟ୍ଟନାୟକ ଓ ସଂ. ମହମ୍ମଦ ସବିର ଏବଂ ସଂ. ପ୍ରଭାସ କର ମହାପାତ୍ର, ମାଲକାନଗିରି- ଉ.ସ. ସଦନ ନାୟକ ଓ ସଂ. ଶଶିଭୂଷଣ ପାତ୍ର, ମୟୁରଭ- ସା.ସ. ଅରିନ୍ଦମ ସର୍କେଲ ଓ ସଂ. ବିଜନ ନାୟକ, ସଂ. ମଧୁସ୍ମିତା ସେଠୀ ଏବଂ ସଂ. ଦିଲ୍ଲୀପ ବେହେରା, ନବରଙ୍ଗପୁର- ଉ.ସ. ଦେବାଶିଷ ପଟ୍ଟନାୟକ ଓ ସଂ. କୃଷ୍ଣଚନ୍ଦ୍ର ନେପାକ, ନୟାଗଡ଼- ସା.ସ. ରବିନ୍ଦ୍ର ମଲ୍ଲିକ ଓ ସଂ. ଚନ୍ଦ୍ରଶେଖର ପରିଡ଼ା, ନୂଆପଡ଼ା- ଉ.ସ. ନକୁଳ ନାୟକ ଓ ସଂ- ତରୁଣ ମାଝୀ, ପୁରୀ- ସା.ସ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ସଂ ଅମୀୟ ପାଣ୍ଡବ, ରାୟଗଡ଼ା- ଉ.ସ. ସନ୍ତୋଷ ସିଂ ସାଲୁଜା ଓ ସଂ. ସଂଜୟ କୁମାର ଅଧିକାରୀ, ରାଉରକେଲା- ସା.ସ. ଆଲୋକ ମିଶ୍ର ଓ ସଂ. ମହେନ୍ଦ୍ର କୁମାର ନାୟକ, ସମ୍ବଲପୁର- କାର୍ଯ୍ୟକାରୀ କମିଟି ସଦସ୍ୟ ଉମାଶଙ୍କର ପଣ୍ଡା ଓ ସଂ ସରୋଜ ପ୍ରଧାନ ଏବଂ ସଂ ସୁକାନ୍ତି ଦାସ, ସୁବର୍ଣ୍ଣପୁର- ସା.ସ. ନାରୟଣ ଜେନା ଓ ସଂ. ସୁବ୍ରତ ମହାପାତ୍ର ଏବଂ ସୁନ୍ଦରଗଡ଼ ଜିଲ୍ଲା ନିମନ୍ତେ ସା.ସ. ସଂଗ୍ରାମ ମିଶ୍ର ଓ ସଂ. ପ୍ରିୟଜିତ ରାୟ ଏବଂ ସଂ ପ୍ରଦୀପ ମହାପାତ୍ରଙ୍କୁ ଶ୍ରୀ ପଟ୍ଟନାୟକ ଦାୟୀତ୍ୱ ଦେଇଛନ୍ତି । ସେହିପରି ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସଙ୍କୁ ଅଫିସ ପ୍ରୋଟୋକଲ, ସାଧାରଣ ସଂପାଦିକା ମମତା ମାଢ଼ୀ ଓ ସଂପାଦିକା ଅର୍ଚ୍ଚନା ନନ୍ଦିଙ୍କୁ ମହିଳା କଂଗ୍ରେସ ଦାୟୀତ୍ୱ ଦିଆଯାଇଛି ବୋଲି ପ୍ରଦେଶ କଂଗ୍ରେସ ଉପସଭାପତି ଶ୍ରୀ ଯଜ୍ଞେଶ୍ୱର ବାବୁ ଜଣାଇଛନ୍ତି ।

# ନିଶିମଳାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ




ଚଣ୍ଡିଖୋଲ,(ପି.ଏନ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନିଶିମଳା ଗ୍ରାମରେ ମା ତାରିଣୀ କମିଟି ପକ୍ଷରୁ କାର୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଛି । ଅତୀତରେ ଓଡ଼ିଶାର ବ୍ୟବସାୟୀ ଜାଭା, ସୁମିତ୍ରା, ଇଣ୍ଡୋନେସିଆ, ଶ୍ରୀଲଙ୍କା ପ୍ରଭୃତି ରାଷ୍ଟ୍ରକୁ ବୋଇତରେ ଯାଇ ବ୍ୟବସାୟ କରୁଥିଲେ । ତାଙ୍କର ସ୍ମୃତି ଓ ସଂସ୍କୃତିକୁ ମନେପକାଇବା ପାଇଁ ଆମ କିମିଟି ପକ୍ଷରୁ ବୋଇତ ବନ୍ଦାଣ କରାଯାଉଅଛି । ଆମ ଗ୍ରାମର ଶହ ଶହ ସଂଖ୍ୟାରେ ପୁରୁଷ, ମହିଳା ଓ ପିଲାମାନେ ଯୋଗଦେଇ ଜୟଧ୍ୱନୀ, ହରିବୋଲ, ହୁଳହୁଳି ପକାଇ ପାଖରେ ଥିବା ଗାଁଶାଳ ଯୋରରେ ବୋଇତକୁ ପୂଜାର୍ଚ୍ଚନା କରି ଉତ୍ସବକୁ ପାଳନ କରିଥିଲେ । କାର୍ତିକ ପୂର୍ଣ୍ଣମୀ ହେଉଛି ଏକ ସ୍ମରଣୀୟ ଦିବସ ଆମ ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ପାଇଁ । ପ୍ରତ୍ୟେକ ବର୍ଷ ମା ତାରିଣୀ କମିଟିର କାର୍ଯ୍ୟକର୍ତ୍ତା ଓ ସଭ୍ୟମାନେ ବୋଇତ ବନ୍ଦାଣ ଉତ୍ସବକୁ ପାଳନ କରିଥାନ୍ତି ।

004/2021 18/11/2021

**OFFICE OF THE SECRETARY**
**MADANI WELFARE ASSOCIATION**
**AT/PO-PIPLI, PURI**

Sealed quotations are invited from Contractors/Sub Contractors/ Individiual having PAN Card & Valid documents for Construction of Humanitarian Resources Centre and Wash Project for the year 2021-22. The details are available in the office. The quotations are to be submitted before 24th November 2021 in the office at plot no. 1928 binorinagar, jharapada, Bhubaneswar-751006.

Sd/-
Secretary
Madani welfare association

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray